## ଭାଜପାର ବୁଥ ସଶକ୍ତୀକରଣ କାର୍ଯ୍ୟକ୍ରମ

ଟିଟିଲାଗଡ,(ଡି.ଏନ.ଏ.):ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁରସୁଡ଼ ଭାଜପା ମଣ୍ଡଳର ବୁଥ ସଶକ୍ତିକରଣ କାର୍ଯ୍ୟକ୍ରମ ମଣ୍ଡଳ ସଭାପତି ନିମାଇଁ ଚରଣ ବେହେରାଙ୍କ ସଭାପତିତ୍ୱରେ ଇଚଗାଁ ଦ୍ୱାରସେହ୍ନୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ଏମ୍‌ପି ସୁରେଶ ପୂଝାରି, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ସାଧାରଣ ସମ୍ପାଦକ ମୁକେଶ ଜୈନ, ପ୍ରଭାରୀ ବିପିନ ଠାକୁର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଆଶିଷ ସାହୁ, ରାଜୁ ଦାଶ, ବିଦୁର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସଂଗଠନକୁ ମଜଭୁତ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦିଆଯାଇଥିଲା।

## ସଂକ୍ଷେପରେ

### କଣ୍ଟାବାଞ୍ଜିକୁ ହରାଇ ରାଜା ଫାଇଟର ବିଜୟୀ

**ଅଭିମନ୍ୟୁ ସାହୁ ମେମୋରିଆଲ ଫୁଟବଲ**

ଗୁଡ଼ଭେଲା,୧୦।୧(ଡି.ଏନ.ଏ.): ବଲାଙ୍ଗୀର ଜିଲ ତୁଷୁରା ସହର ସ୍ଥିତ ମିନିଷ୍ଟାଡିୟମରେ ମଙ୍ଗଳବାର ଅଭିମନ୍ୟୁ ସାହୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟକୁ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତୁଷୁରା ଥାନାଧିକାରୀ ସଞ୍ଜୀବ ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଖେଳ ରାଜା ଫାଇଟର ଓ କଣ୍ଟାବାଞ୍ଜି ମଧ୍ୟରେ ହୋଇଥିଲା। ପେନାଲଟି ସୁଟ୍‌ଆଉଟ୍‌ରେ ୫-୪ ଗୋଲରେ ରାଜା ଫାଇଟର ବିଜୟୀ ହୋଇଥିଲା। ହାଡୁ ନାୟକଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପ୍ରଦାନ କରାଯାଇଥିଲା। ରାୟଗଡା ଓ ବିଏମପୁର ମଧ୍ୟରେ ବୁଧବାର ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସଭାପତି ତଥା ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟସ୍ୱାଲ ପ୍ରକାଶ କରିଛନ୍ତି।

### ବିଡିଓଙ୍କ ନିକଟରେ ପ୍ରତିବାଦ କଲେ କଳାକାର

ଲୋଇସିଂହା,୧୦।୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକସ୍ତରୀୟ ଲୋକ ଉତ୍ସବ ସ୍ଥାନୀୟ ବ୍ଲକ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ୨୦ଟି ପଞ୍ଚାୟତର କଳାକାର ଓ ଦର୍ଶକଙ୍କ ଭିଡ ଜମିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ କଳାକାର ଓ ଦର୍ଶକଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥା କରାଯାଇଥିଲା। ହେଲେ ସୁବ୍ୟବସ୍ଥିତ ହୋଇନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ କଳାକାର ଓ ଦର୍ଶକମାନେ ଖାଇବା ପତ୍ର ଧରି ବିଡିଓ ଶଙ୍କର କେରକେଟାଙ୍କ ଦପ୍ତରକୁ ଯାଇ ପ୍ରତିବାଦ କରିଥିଲେ।

### ଟିଟିଲାଗଡ଼ ଲୋକ ଉତ୍ସବରେ ୪୦ଦଳ

ଟିଟିଲାଗଡ,୧୦।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ପରିସରରେ ଆୟୋଜିତ ଲୋକଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସଂଯୁକ୍ତା ନାୟକ ମୁଖ୍ୟଅତିଥି, ବିଡିଓ ନବୀନ ଚନ୍ଦ୍ରନାୟକ, ଉପାଧ୍ୟକ୍ଷ ଜଗତରାମ ରଣା, ଏବିଡ଼ିଓ ମେନକା ମେହେର, ଜିଲା ପରିଷଦ ସଭ୍ୟା ଗୀତା ବିଶି, ଟିଙ୍କି ପୋଢ଼, ସଞ୍ଜୟ ବେହେରା, ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ଉପସଭାପତି ନରେଶ ଅଗ୍ରୱାଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ଲୁକାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣି ଜିଲା ଓ ରାଜ୍ୟସ୍ତରରେ ପହଞ୍ଚାଇବା ଏହି ଉତ୍ସବ ଆୟୋଜନର ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତ ରଖି ଥିଲେ। ଉଦ୍‌ଯାପନୀ ସଭାରେ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି, ଉପଜିଲାପାଳ ଦୟାମୟ ପାଢ଼ୀ ଯୋଗ ଦେଇଥିଲେ। ବ୍ଲକସ୍ତରୀୟ ଲୋକ ଉତ୍ସବରେ ଲୋକଗୀତ,ଲୋକବାଦ୍ୟ, ଲୋକନୃତ୍ୟଓ ଲୋକ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୪୦ଟି ଦଳ ଅଂଶଗ୍ରହଣ କରିଥିଲେ। କଳାକାରଙ୍କୁ ଚୟନ କରିବା ପାଇଁ ଟିଟିଲାଗଡ଼ର ପୁରୁଣା କଳାକାରମାନେ ଚୟନ କର୍ତ୍ତା ଦାୟିତ୍ୱ ନେଇଥିଲେ। ଏହି ଉତ୍ସବରେ ଯେଉଁମାନେ ପ୍ରଥମ ହେବେ ସେମାନେ ଉପଖଣ୍ଡସ୍ତରୀୟ ଲୋକଉତ୍ସବରେ ସାମିଲ ହେବେ ବୋଲି ବିଡିଓ ନାୟକ କହିଛନ୍ତ।

# ଏକତା ବିକାଶର ମୂଳମନ୍ତ୍ର

**ସର୍ବଭାରତୀୟ ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟା**

- ମଞ୍ଚ କଳାକାର କନକ ଦଣ୍ଡସେନାଙ୍କୁ ମଠଖାଇ ସମ୍ମାନ
- ମନମୋହିଲେ ପଞ୍ଚମର କଳାକାର

ବଲାଙ୍ଗୀର ଅଫିସ, ୧୦।୧

ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା। ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତୃତୀୟ ସାନ୍ଧ୍ୟ ସଭାରେ ମୁଖ୍ୟ ଅତିଥି ଭାବେ ଜଳସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ସମ୍ମାନିତ ଅତିଥି ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଲକର ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ସାହୁ ଆୟୋଜକ ମଠଖାଇ ମହୋତ୍ସବ କମିଟି ଏବଂ ଭୂମିକା ପରିବାରକୁ ସାଧୁବାଦ ଜଣାଇ ନାଟକ, କଳା କ୍ଷେତ୍ର ସହ ଜିଲା ସାମଗ୍ରିକ ଉନ୍ନତି ପାଇଁ ଜିଲାବାସୀଙ୍କ ଏକତା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ମଠଖାଇ ମହୋତ୍ସବ ଭଳି ଜାତୀୟସ୍ତରର ପ୍ଲାଟଫର୍ମରେ ଦେଶର ବିଭିନ୍ନ ରାଜ୍ୟର କଳାକାର ଏବଂ କଳା, ସଂସ୍କୃତିର ଆଦାନ ପ୍ରଦାନ ହେଉଛି। ଆମେ ଅନ୍ୟ ରାଜ୍ୟର କଳାସଂସ୍କୃତି



ଲୋକପ୍ରିୟ ମଞ୍ଚ କଳାକାର କନକ ଦଣ୍ଡସେନାଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଉଛି।

ବିଷୟରେ ଜାଣିବା ସହ ଆମ ମାଟିର କଳା ସଂସ୍କୃତିକୁ ଏହାଦ୍ୱାରା ଜାତୀୟ ସ୍ତରକୁ ପହଞ୍ଚାଉଛ ବୋଲି କହିଥିଲେ। ଏହି ଅବସରରେ ପରମ୍ପରାଗତ ନାଟ୍ୟକଳା ସହ ଆଧୁନିକତାର ଫ୍ୟୁଜନ୍ ସଂସ୍କୃତି କିଭଳି ନୂଆ ଆକର୍ଷଣ ସୃଷ୍ଟି କରୁଛି କହିଥିଲେ। ଏସପି କୁଶଲକର ତାଙ୍କ ବକ୍ତବ୍ୟରେ ମଠଖାଇ ମହୋତ୍ସବ ଭଳି ମଞ୍ଚ ସ୍ଥାନୀୟ କଳାକାରଙ୍କୁ ଜାତୀୟ ସ୍ତରୀୟ କଳା ସଂସ୍କୃତି ସହ ପରିଚୟର ଏକ ମାଧ୍ୟମ ବୋଲି କହିଥିଲେ। ସଭାପତୀୟ ଅଭିଭାଷଣରେ ବିଧାୟକ ମିଶ୍ର ମଠଖାଇ ମହୋତ୍ସବର ପରିକଳ୍ପନା ସାଂସ୍କୃତିକ ଏକତା ସହ ସାମାଜିକ ଉନ୍ନତି ଦିଗରେ ଏକ ପ୍ରୟାସ ବୋଲି କହିଥିଲେ। ଏହି ମଞ୍ଚରେ ସଂକୀର୍ଣ୍ଣ ରାଜନୀତିର ଗନ୍ଧ ନାହିଁ। ଏଠାକୁ ସବୁ ରାଜନୈତିକ ଦଳର ନେତା ଆସୁଛନ୍ତି। ଏହା ଆମର ଏକତାକୁ ସୁଦୃଢ଼ କରିବା ସହ ଜିଲାର ଉନ୍ନତିରେ ବିଶେଷ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ବରଗଡ ଜିଲାର ଲୋକପ୍ରିୟ ମଞ୍ଚ କଳାକାର କନକ ଦଣ୍ଡସେନାଙ୍କୁ ଅତିଥିମାନେ ମାନପତ୍ର, ଉପଢୌକନ ଏବଂ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ସଭାକୁ ସଭାପତି ବୀରେନ୍ଦ୍ର ବନ୍‌ଛୋର ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ନୟନ ମହାନ୍ତି ମଞ୍ଚାସୀନ ଥିଲେ। ସଭା ପୂର୍ବରୁ ସଙ୍ଗୀତ ନୃତ୍ୟ ଅନୁଷ୍ଠାନ ପଞ୍ଚମ ପକ୍ଷରୁ ଗୋଲଡେନ୍ ମେମୋରୀ ଡ୍ୟାନ୍ସ ପରିବେଷଣ କରାଯାଇଥିଲା। ତୃତୀୟ ସନ୍ଧ୍ୟା ମଞ୍ଚକୁ ଓଡିଆ ସିନେ ଅଭିନେତା ଅଜିତ ଦାସଙ୍କୁ ସମର୍ପିତ କରାଯାଇଥିଲା।

# ଘରେ ଘରେ ନେତାଜୀ କାର୍ଯ୍ୟକ୍ରମ


ବଲାଙ୍ଗୀରରେ ନେତାଜୀ ରଥ ପରିକ୍ରମା ଅବସରରେ ଉପସ୍ଥିତ ନେତାଜୀ ପ୍ରେମୀ।

ବଲାଙ୍ଗୀର ଅଫିସ, ୧୦।୧

ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ ତମ ଜନ୍ମବାର୍ଷିକୀ ଅବସରରେ ବଲାଙ୍ଗୀର ନେତାଜୀ ସୁଭାଷ ୧୨୫ ଜୟନ୍ତୀ କମିଟି ପକ୍ଷରୁ ମଙ୍ଗଳବାର ଘରେ ଘରେ ନେତାଜୀ କାର୍ଯ୍ୟକ୍ରମ ଏବଂ ନେତାଜୀ ରଥ ପରିକ୍ରମା କରାଯାଇଥିଲା। ସ୍ଥାନୀୟ ଶିଶୁ ଉଦ୍ୟାନ ସମ୍ମୁଖ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ କମିଟି ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଠାରେ ଅନୁଷ୍ଠିତ ସଭାରେ କମିଟି ସମ୍ପାଦକ ଗିରିଶ ଚନ୍ଦ୍ର ସାଙ୍କ ସଂଯୋଜନା କରିଥିଲେ। ଏଠାରେ କମିଟି ସଭାପତି ରାଜୀବ ଲୋଚନ ଆଚାର୍ଯ୍ୟ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ କୁମାର ମିଶ୍ର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ମଧୁସୂଦନ ବାଗ ଏବଂ ଛାତ୍ର ଗୁପ୍ତେଶ୍ୱର ଲେଙ୍କା ସଂଗ୍ରାମୀ ଗୀତ ପରିବେଷଣ କରିଥିଲେ। ନେତାଜୀ ସଂଗ୍ରାମୀ ପରିଷଦ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏବଂ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ମିଶ୍ର ତାଙ୍କ ବକ୍ତବ୍ୟରେ ନେତାଜୀଙ୍କ ସଂଗ୍ରାମୀ ଜୀବନ ସମସ୍ତଙ୍କ ପାଇଁ ସବୁ ସମୟରେ ପ୍ରେରଣାର ଉତ୍ସ ବୋଲି କହିଥିଲେ। ତାଙ୍କ ବିଷୟରେ ଯେତିକି ଚର୍ଚ୍ଚା ଓ ଆଲୋଚନା ହେବ ଆମ ସାମାଜିକ ଜୀବନ ସେତିକି ଲଢୁଆ ହେବ ବୋଲି କହିଥିଲେ। ଅନ୍ୟାୟ ଓ ମିଥ୍ୟା ସହ ସାଲିସ କରିବାଠାରୁ ନିକୃଷ୍ଟତମ ଅପରାଧ ଆଉ କିଛିନାହିଁ ବୋଲି ନେତାଜୀ ଚେତାଇ ଦେଇଛନ୍ତି ବୋଲି ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ମିଶ୍ର, ଅଧ୍ୟାପିକା ରମଣୀ ନାଏକ, ସୀମା ପ୍ରଧାନ, ବୀରେନ୍ଦ୍ର କୁମାର ଝାଙ୍କର, କମଳ ଚକ୍ରବର୍ତ୍ତୀ, ସୁନୀଲ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ସହରରେ ନେତାଜୀ ରଥ ପରିକ୍ରମା କରିଥିଲା। ସହରର ଭାଗିରଥି ଛକ, ବିକ୍ରମ ଛକ ଓ ସମଲେଶ୍ୱରୀ ମନ୍ଦିର ଛକରେ ପଥପ୍ରାନ୍ତ ସଭା ମାଧ୍ୟମରେ ନେତାଜୀଙ୍କ ବିଷୟରେ ସୂଚନା ଦିଆଯାଇଥିଲା। ଆସନ୍ତା ୨୩ ତାରିଖରେ ନେତାଜୀ ଜୟନ୍ତୀ ଧୁମ୍‌ଧାମ୍‌ରେ ପାଳନ କରାଯିବ। ଏହି ରଥ ଜିଲା ପରିକ୍ରମା କରିବ ବୋଲି ସୂଚନା ଦିଆଯାଇଛି।

# ବଡଲୋକି ଦେଖାଇ ହେଲେ ଶାନ୍ତିଭଙ୍ଗ ହୁଏ

**ମଞ୍ଚସ୍ଥ ହେଲା ଓଡିଆ ନାଟକ ଫୁଲ୍ ଟେନ୍‌ସନ୍**

ବଲାଙ୍ଗୀର ଅଫିସ, ୧୦।୧

ସର୍ବଭାରତୀୟ ବହୁଭାଷୀ ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଭୁବନେଶ୍ୱର ପଞ୍ଚମବେଦ ଅନୁଷ୍ଠାନ ପକ୍ଷରୁ ଆନନ୍ଦ ପହିଙ୍କ ରଚିତ ଏବଂ ନାଟ୍ୟ ନିର୍ଦ୍ଦେଶକ ହରେନ୍ ସାହୁଙ୍କ ନିର୍ଦ୍ଦେଶିତ ଓଡିଆ ନାଟକ ଫୁଲ୍ ଟେନ୍‌ସନ୍ ମଞ୍ଚସ୍ଥ ହୋଇଛି। ନିଜର ବଡପଣିଆ ଜାହିର କରିବାକୁ ଯାଇ ସାମ୍ପ୍ରତିକ ମଣିଷ ଦୁଃଖ–ଆକାଂକ୍ଷା ଓ ନୈରାଶ୍ୟ ମଧ୍ୟରେ କିଭଳି ବ୍ୟଥିତ ଏବଂ ଜର୍ଜରିତ ହେଉଛି ଏହି ନାଟକରେ ପ୍ରତିଫଳିତ ହୋଇଥିଲା। ଈର୍ଷା ଓ ପରଶ୍ରୀକାତରତା କିଭଳି ପରିବାର ଏବଂ ସମାଜ ଭିତରେ ବିଷଜ୍ୱାଳା ଭରିଦେଉଛି ତାହ ନାଟକରେ ଅଭିନେତାମାନେ


ଓଡିଆ ନାଟକ ଫୁଲ୍ ଟେନ୍‌ସନ୍‌ର ଏକ ଦୃଶ୍ୟ।

ନିଖୁଣ ଭାବେ ପରିବେଷଣ କରିଥିଲେ। ବଡଲୋକି ଦେଖାଇ ହେବାର ଅନ୍ଧଦୌଡ ଭିତରେ କିଭଳି ଘର ଭିତରକୁ ଟେନ୍‌ସନ୍ ପଶିଆସି ଘରକୁ ଛାରଖାର କରିଦିଏ ଏହା ନାଟକରେ ପ୍ରଦର୍ଶିତ ହୋଇଛି। ନର୍ମଦା ନାମ୍ନୀ ଜଣେ ସ୍ତ୍ରୀଙ୍କ ଏଭଳି ବଡଲୋକି ଦେଖାଇହେବାର ଅନ୍ଧଦୌଡରେ ନିହାର ଭଳି ଜଣେ ନିରୀହ କର୍ମନିଷ୍ଠ ବ୍ୟକ୍ତି କିଭଳି ଦୁଃଖ ଯନ୍ତ୍ରଣା ଭୋଗ କରିଛି ତାହା ନାଟକରେ ପ୍ରଦର୍ଶିତ ହୋଇଥିଲା।

# ଇନ୍ଟ୍ରା ଡିଷ୍ଟ୍ରିକ୍ଟ କ୍ଲବ କ୍ରିକେଟ୍ ସିନିୟର ଲିଗ୍‌ର ଶୁଭାରମ୍ଭ

**ଓସିଏ ଭିଜନ ୨୦୨୪**

ବଲାଙ୍ଗୀର ଅଫିସ, ୧୦।୧

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ସିନିୟର ଇନ୍ଟ୍ରା ଡିଷ୍ଟ୍ରିକ୍ଟ କ୍ଲବ ଲିଗ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଥିଲା। ଓଡିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟ ଓ ଜିଲା କ୍ରୀଡା ସଂସଦ ବଲାଙ୍ଗୀର ଦ୍ୱାରା ଆୟୋଜିତ ଏହି ଲିଗ୍ ସିନିୟର କ୍ରିକେଟ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇଛି। ଏହି ଟୁର୍ନାମେଣ୍ଟକୁ କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ। ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ପର୍ବରେ କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, ସହସମ୍ପାଦକ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ପ୍ରଭାତ ମିଶ୍ର, ଫୁଟବଲ ସମ୍ପାଦକ ହେମନ୍ତ ବେହେରା, କାର୍ଯ୍ୟକାରୀ ସଦସ୍ୟ ସୁଧୀର ଚନ୍ଦ୍ର ପଣ୍ଡା, ଜୟରାମ ମିଶ୍ର, କ୍ରିକେଟ କୋଚ ଅରୁଣ କୁମାର ନାଏକ, ପୂର୍ବତନ ଖେଳାଳୀ ସୂର୍ଯ୍ୟ ମିଶ୍ର, ହରେଶ ଦାନି, ଶତୃଘନ ସିଂହ, ଅରବିନ୍ଦ ହୋତା ଓ ବିକ୍ରମ ପାତ୍ର ଉପସ୍ଥିତ ଥିଲେ। ମ୍ୟାଚ ଏନ୍‌କେସିସି ବଲାଙ୍ଗୀର ଦଳ ଓ ଜିଏନ୍‌ସିସି ବଲାଙ୍ଗୀର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିଏନ୍‌ସିସି ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଜିଏନ୍‌ସିସି ଦଳ ନିର୍ଦ୍ଧାରିତ ୧୨.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୩୦ ରନ୍ ସଂଗ୍ରହ କରିଥିଲା। ଏନ୍‌କେସିସି ଦଳ ପକ୍ଷରୁ ସତ୍ୟଜିତ ସିଂଦେଓ ୬.୨ ଓଭର ୭ ରନ୍ ଦେଇ ୯ ଉଇକେଟ ନେଇ ଜିଏନ୍‌ସିସି ଦଳକୁ ଧରାଶାୟୀ କରିଥିଲେ। ୩୧ ରନ୍ ବିଜୟ ଲକ୍ଷକୁ ନେଇ ପଡିଆକୁ ଓହ୍ଲାଇଥିବା ଏନ୍‌କେସିସି ଦଳ ମାତ୍ର ୩.୫ ଓଭରରେ ଗୋଟିଏ ଉଇକେଟ ବିନିମୟରେ ୩୧ ରନ୍ କରି ବିଜୟୀ ହୋଇଥିଲା।

# 'ଦର୍ଶକଙ୍କୁ ମୂର୍ଖ ଭାବିଲେ ଅଭିନେତା ସଫଳ ହୁଏନାହିଁ'

ବଲାଙ୍ଗୀର ଅଫିସ, ୧୦।୧

ସର୍ବଭାରତୀୟ ବହୁଭାଷୀ ମଠଖାଇ ମହୋତ୍ସବର ତୃତୀୟ ଦିନ କଲିକତାରୁ ଆସିଥିବା ଅଲଟରନେଟିଭ ଲିଭିଂ ଥିଏଟରର ନିର୍ଦ୍ଦେଶକ ପ୍ରବୀର ଗୁହାଙ୍କ ସହ ଅନ୍ତରଙ୍ଗ ଆଳାପ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଦେଶକ ଗୁହା ସ୍ଥାନୀୟ କଳାକାର, ନାଟ୍ଯ ନିର୍ଦ୍ଦେଶକ, ନାଟ୍ୟପ୍ରେମୀଙ୍କ ସହ ଆଲୋଚନା କରି ପରୀକ୍ଷାମୂଳକ ନାଟକର ଯାତ୍ରା, ନାଟକପ୍ରେମୀ ଦର୍ଶକଙ୍କ ଉପରେ ଏହାର ପ୍ରଭାବ ଏବଂ ଅଭିନେତାଙ୍କ ଦାୟିତ୍ୱ ଉପରେ କହିଥିଲେ। ଯେଉଁ ଅଭିନେତା ଦର୍ଶକଙ୍କୁ ମୂର୍ଖ ବୋଲି ଭାବନ୍ତି ସେଭଳି ଅଭିନେତା କେବେ ସଫଳ ହୁଅନ୍ତି ନାହିଁ ବୋଲି ସେ କହିଥିଲେ। ଏଣୁ ସଫଳ କଳାକାର ହେବାକୁ ହେଲେ ଶତପ୍ରତିଶତ ନିଷ୍ଠାର ସହ ଚରିତ୍ର ଅଭିନୟ


ନାଟ୍ୟ ନିର୍ଦ୍ଦେଶକ ପ୍ରବୀର ଗୁହା କଳାକାର, ବୁଦ୍ଧିଜୀବୀ ଏବଂ ନାଟ୍ୟପ୍ରେମୀଙ୍କ ସହ ଆଲୋଚନା କରୁଛନ୍ତି।

କରିବା ଉଚିତ୍ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ମଧୁସୂଦନ ପତି, ନାଟ୍ୟ ନିର୍ଦ୍ଦେଶକ ବ୍ରଜମୋହନ ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ନାଟ୍ୟକାର ସନାତନ ଠାକୁର, ଅବଦୁଲ ଜମାଲ ଖାନ୍, ପ୍ରେମଚାନ୍ଦ ମହାନ୍ତି, ଚିତ୍ତରଞ୍ଜନ ଦାଶ, ଦେବତୋଷ ଦର୍ଜୀ, ଜିତେନ୍ଦ୍ରୀୟ ତ୍ରିପାଠୀ, ବୀରେନ୍ଦ୍ର ବନ୍‌ଛୋର, ସଞ୍ଜୟ ଭୋଇ, ମୁରଲୀଧର ପତି, ବ୍ୟାସଦେବ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଲେମନ୍‌ଗ୍ରାସ ତେଲ ପ୍ରକ୍ରିୟାକରଣ ୟୁନିଟ ଉଦ୍‌ଘାଟିତ



ଲେମନ ଗ୍ରାସ ପ୍ରକ୍ରିୟାକରଣ କାରଖାନା ଉଦ୍‌ଘାଟନ କରାଯାଉଛି।

ଲୋଇସିଂହା, ୧୦।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ପଞ୍ଚାୟତ ଅନ୍ତର୍ଗତ ସିଂହାନୀମୁଣ୍ଡା ଗ୍ରାମରେ ରାଜ୍ୟ ସରକାରଙ୍କ ଅନୁଦାନରେ ପ୍ରତିଷ୍ଠିତ ଲେମନ୍ ଗ୍ରାସ ତେଲ ପ୍ରକ୍ରିୟାକରଣ ୟୁନିଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ମୁକେଶ ମହାଲିଙ୍ଗ ପ୍ରକଳ୍ପର ଉଦଘାଟନ କରିଥିଲେ। ଉଦଘାଟନୀ ଉତ୍ସବରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ବରିହା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଦ୍ୱାରା ଅଞ୍ଚଳର ପ୍ରାୟ ୧୫୬ ଏକର ଜମିରେ ଲେମନ ଗ୍ରାସ କରିଥିବା ଚାଷୀ ତେଲପେଡି ବିକ୍ରି କରି ଲାଭାନ୍ୱିତ ହେବେ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ରାଜ୍ୟ ସରକାରଙ୍କ ଉଦ୍ୟମ କ୍ରମେ ୨୦୨୦–୨୧ ଆର୍ଥିକ ବର୍ଷରେ ବିଜୁ କେବିକେ ପାଣ୍ଠିରୁ ଏଠାରେ ଏହି ପ୍ରକ୍ରିୟାକରଣ ୟୁନିଟ ନିର୍ମାଣ କରାଯାଇଛି। ହାତୀ ଉପଦ୍ରବ ଏବଂ ଜଳ ସେଚନ ସୁବିଧା ନ ଥିବା ଲୋଇସିଂହା ଓ ଆଗଲପୁର ବ୍ଲକ ଅଞ୍ଚଳରେ ଥିବା ଆଟ ଜମିରେ ଜଳଛାୟା ପ୍ରକଳ୍ପ ଜରିଆରେ ୨୦୧୮ ମସିହାରୁ ଲେମନ ଗ୍ରାସ ଚାଷକୁ ଚାଷୀ ଅପଣାଇଥିଲେ। ଏଥିରୁ ଉତ୍ପାଦିତ ତେଲର ଚାହିଦା ରହିବା ସହ ଦର ମଧ୍ୟ ଉଚା ରହିଥିବା ସେତେବେଳେ କୁହାଯାଇଥିଲା। ଚାଷୀ ଉତ୍ସାହର ସହ ଚାଷ କରି ସଫଳତା ପାଇଥିଲେ। ହେଲେ ଅଞ୍ଚଳରେ ପ୍ରକ୍ରିୟାକରଣ କାରଖାନା କିମ୍ବା ଲେମନ ଗ୍ରାସ ବିକ୍ରିର ବଜାର ସୁବିଧା ଉପଲବ୍ଧ ନ ଥିଲା। ଶେଷରେ ଚାଷ ହୋଇଥିବା ଜମିରେ ଘାସ ନଷ୍ଟ ପାଇଁ ଉଦ୍ୟମ କରିଥିଲେ ଚାଷୀ। ବାଦିମୁଣ୍ଡା, ଉପରବାହାଲ ପଞ୍ଚାୟତ ସମେତ ଆଖପାଖ ଗ୍ରାମର ଚାଷୀଙ୍କ ଅନୁରୋଧ କ୍ରମେ ଜିଲା ପ୍ରଶାସନ ପକ୍ଷରୁ ଏଠାରେ ଏକ ପ୍ରକ୍ରିୟା କରଣ କାରଖାନା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଉଲ୍ଲେଖଥାଉକି ଲେମନ ଗ୍ରାସ ଚାଷ କରିଥିବା ଚାଷୀ ବର୍ଷକୁ ୩ ଥର ଘାସ ଉତ୍ପାଦନ କରି ତେଲ ପ୍ରସ୍ତୁତ କରି ବିକ୍ରି କରି ପାରିବେ। ଏହି ତେଲରୁ ନାମିଦାମୀ ଅତର ପ୍ରସ୍ତୁତି ହୋଇଥାଏ। ଲିଟର ପିଛା ଦର ୧୪ଶହ ଟଙ୍କାରୁ ଅଧିକ ରହିଛି।

# 'କଳା ପ୍ରଦର୍ଶନ କଲେ କଳାକାର'

ଲୋଇସିଂହା/ କଣ୍ଟାବାଞ୍ଜି, ୧୦।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପ୍ରଶାସନ ଓ କଳାକାର ସଂଘ ମିଳିତ ଆନୁକୂଲ୍ୟରେ ବ୍ଲକ ପରିସରରେ ବ୍ଲକସ୍ତରୀୟ ଲୋକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଲୋକଗୀତ ଏକକରେ ରାଜେନ୍ଦ୍ର ମହାକୁର, ମାଗି ମଲ୍ଲିକ ଓ ନେପାଲ ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ। ଲୋକଗୀତ ଦଳୀୟରେ ରାଜେନ୍ଦ୍ର ପଧାନ ଓ ସାଥୀ ପୁରସ୍କୃତ ହୋଇଥିଲେ। ସେହିପରି ଏକକ ବାଦ୍ୟରେ ପ୍ରମୋଦ ବିଶି, ନବଘନ ଦଣ୍ଡସେନା, କ୍ଷମାନିଧି କୁମ୍ଭାର ପୁରସ୍କୃତ ହୋଇଛନ୍ତି। ଲୋକନୃତ୍ୟରେ ଆଦିବାସୀ ସାଂସ୍କୃତିକ ସଂଘ ପ୍ରଥମ, ବ୍ରଜମୋହନ ବିଶୋଇ ଓ ସାଥୀ ଦ୍ୱିତୀୟ, ଯୁଧିଷ୍ଠିର ସାହୁ ଓ ସାଥୀ ତୃତୀୟ ହୋଇଥିଲେ। ଲୋକ ନାଟକରେ କ୍ଷୀରୋଦ ବାଗ ଓ ସାଥୀ ଏବଂ ଲୋକନାଥ ଠେଲା ଓ ସାଥୀ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଡିଓ, ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ରହି କଳାକାରଙ୍କୁ ପୁରସ୍କୃତ କରିଥିଲେ। କରୁଣାକର ବାଗ, ସରୋଜ ବିଶ୍ୱାଳ ଓ ଶିବାନନ୍ଦ ତ୍ରିପାଠୀ ବିଚାରକ ନିଯୁକ୍ତ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଡିଓ ଆକାଶ ରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ଜିଲା ଲୋକ ଉତ୍ସବ କମିଟି ଅଧ୍ୟକ୍ଷା ସଙ୍ଗୀତା ପାଣିଗ୍ରାହୀ, ସଭ୍ୟା ଶ୍ରୀପଦା ଷଡଙ୍ଗୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ସ୍ଥାନୀୟ ଭାଷାରେ କଳା ପ୍ରଦର୍ଶନ କରିବାକୁ କଳାକାରଙ୍କୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ ବସିବାର କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ସେମାନେ ଅସନ୍ତୋଷବ୍ୟକ୍ତ କରିଥିଲେ।

ତୁରେକେଲା ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଡିଓ ଦେବାଶିଷ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ତୁରେକେଲା ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷା ଧନମତି ଖୁରା, ଜିଲା ପରିଷଦ ସଭ୍ୟ କୌଶିକ ମେହେର, ତୁରେକେଲା ସରପଞ୍ଚ ଜଳନ୍ଧର ମହାକୁଡ, ବ୍ଲକ ସାଂସ୍କୃତିକ ସଭାପତି କାର୍ତ୍ତିକ ସାହୁ ମଞ୍ଚାସୀନ ଥିଲେ। ସାଂସ୍କୃତିକ ସଭା ପରେ ବ୍ଲକର ୧୯ ପଞ୍ଚାୟତରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ପ୍ରତିଯୋଗୀମାନେ ଟିଟିଲାଗଡ ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବରେ ଅଂଶଗ୍ରହଣ କରିବେ ବୋଲି ବ୍ଲକ ସାମାଜିକ ଅଧିକାରୀ ହେମାନନ୍ଦ ବିଶ୍ୱାଳ କହିଛନ୍ତି।

# ଶିକ୍ଷା ବିଭାଗ ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ

**ଦେଓଗାଁ ପଞ୍ଚାୟତ ସମିତି ବୈଠକ**

- ଗୃହରେ ଧାରଣାରେ ବସିଲେ ସମିତି ସଭ୍ୟ

ଦେଓଗାଁ,୧୦।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ନରସିଂହ ମିଶ୍ର, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ବିଡିଓ ସୁରେନ୍ଦ୍ର କୁମାର ମେହେର ମଞ୍ଚାସୀନ ଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ବୀଣା ପଧାନ ବିବରଣୀ ପାଠ କରିଥିଲେ। ବିଭିନ୍ନ ଯୋଜନାରେ ମଞ୍ଜୁର ହୋଇ ପଡି ରହିଥିବା ଅର୍ଥ କିପରି କାର୍ଯ୍ୟକାରୀ ହୋଇପାରିବ ତାହ ଉପରେ ଆଲୋଚନା କରାଯାଇଥିଲା। ଦେଓଗାଁ ବଙ୍ଗଳା ଛକରେ ଯାତ୍ରୀ ପ୍ରତୀକ୍ଷାଳୟ ଓ ମହିଳାଙ୍କ ଶୌଚାଳୟ ପାଇଁ ଅନୁଦାନ ଥିଲେ ହେଁ ଜମି ଜବରଦଖଲରେ ଥିବାରୁ କାମ ହୋଇ ପାରୁନାହିଁ। ହାତିସରା ସରପଞ୍ଚ କେଲୋ ଡାଙ୍ଗ ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ୧୫ ଦିନ ମଧ୍ୟରେ ଜବରଦଖଲ



ଦେଓଗାଁ ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ବିଧାୟକ, ବ୍ଲକ ଅଧ୍ୟକ୍ଷ ଓ ଅନ୍ୟମାନେ।

ପ୍ରକ୍ରିୟା ଆରମ୍ଭ ହେବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ପରେ ଶିକ୍ଷା ବିଭାଗରେ ଅବ୍ୟବସ୍ଥାକୁ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବ୍ଲକ ଶିକ୍ଷା ଅଧିକାରୀଙ୍କ ଖାମଖିଆଲି ମନୋଭାବକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ କରି ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର, ବିଶ୍ୱଜିତ ପାତ୍ର, ସରପଞ୍ଚ କେଲୋ ଡାଙ୍ଗ, ଉଡାର ସମିତି ସଭ୍ୟା ଆନନ୍ଦିନି ଦଲାଇ, ଦେଓଗାଁ ସମିତି ସଭ୍ୟା ମୀନା କୁମାରୀ ସା, ସମିତି ସଭ୍ୟ ଅଭିମନ୍ୟୁ ମାଝି, ଶମ୍ଭୁ ବାଗ ଧାରଣାରେ ବସିଥିଲେ। ପରେ ଗୃହରେ ଉପସ୍ଥିତ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇ ବନ୍ଦ ପଡିଥିବା ବିଦ୍ୟାଳୟର ସ୍ଥିତି ନିରୂପଣ କରି ରିପୋର୍ଟ ଦାଖଲ କରିବା ସହ ପୁନଃ ସ୍କୁଲ ଖୋଲିବା ଦିଗରେ ପଦକ୍ଷେପର ପ୍ରତିଶ୍ରୁତି ଦେବାପରେ ଧାରଣା ହଟିଥିଲା। ଚଳିତ ବର୍ଷ ବ୍ଲକର ସମସ୍ତ ପାକ୍ସରେ କୁଇଣ୍ଟାଲ ପ୍ରତି ୪ରୁ ୫ କେଜି ଧାନ କଟ୍‌ନିକୁ ନେଇ ଜନପ୍ରତିନିଧିମାନେ ଅଭିଯୋଗ ଉଠାଇଥିଲେ। ବିଧାୟକ ମିଶ୍ର ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ରାଜ୍ୟ ସରକାର ଏକ ଆଇନ କରି ଚାଷୀର ଉତ୍ପାଦିତ ସମସ୍ତ ଧାନକୁ କ୍ରୟ କରିବାପାଇଁ ପଦକ୍ଷେପ ନିଅନ୍ତୁ ବୋଲି କହିଥିଲେ। ଗନ୍ଧିଳିପାହାଡ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଁ ସମସ୍ତ ଯୋଜନା ସରିଥିବା ବିଧାୟକ ମିଶ୍ର ଗୃହରେ ସୂଚନା ଦେଇଥିଲେ। ସାଲେପାଲି ସମିତି ସଭ୍ୟ ମେହେର ବ୍ଲକସ୍ତରରେ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ଏକ ପ୍ରସ୍ତାବ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପ୍ରେରଣ କରିବା ପାଇଁ ଦାବି କରିଥିଲେ। କଛାରପାଲିରେ ଫାଇଲେରିଆ ରୋଗୀ ସଂଖ୍ୟା ବଢୁଥିବା ପ୍ରସଙ୍ଗ ବୈଠକରେ ଉଠିଥିଲା। ଏହାର ନିରାକରଣ ଦିଗରେ ପଦକ୍ଷେପ ନେବାପାଇଁ ଜିଲାପାଳଙ୍କୁ ଅବଗତ କରାଯିବାକୁ ପ୍ରସ୍ତାବ ଆଗତ ହୋଇଥିଲା।

## ସଂକ୍ଷେପରେ

### ବନ ବିଭାଗର ଚଢ଼ାଉ: ଶାଳ କାଠ ଜବତ

ବଘିଆପଡା,୧୦।୧(ଡି.ଏନ.ଏ.): ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ବୌଦ୍ଧ ବନାଞ୍ଚଳ ଖଣ୍ଡୁରୀପଡା ସେକସନର କରଡାପଡା ଗ୍ରାମ ନିକଟରେ ବନବିଭାଗ ଚଢାଉ କରି ୮ ଗୋଟି ଶାଳ ଗଣ୍ଡି ଜବତ କରିଛି। ପ୍ରକାଶ ଯେ,ବୌଦ୍ଧ ବନବିଭାଗର ଏକ ସ୍ୱତନ୍ତ୍ର ଟିମ୍ ସୋମବାର ରାତିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଖଣ୍ଡୁରୀପଡା ସେକସନର ରାମ୍ପିକଟା ବିଟର କରଡାପଡା ଗ୍ରାମ ନିକଟରେ ଚାଲାଣ ହେବାକୁ ରଖାଯାଇଥିବା ୫ ଗୋଟି ଶାଳଗଣ୍ଡି ଜବତ କରିଥିଲେ । ଜବତ କାଠ ଗଣ୍ଡିର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଢାଉରେ ବନରକ୍ଷୀ ପ୍ରଶାନ୍ତ ସେଠୀ, ସୁଶାନ୍ତ ସାହୁ, ପ୍ରକାଶ ପ୍ରଧାନ, ଏମ. ମଲିକ ପ୍ରମୁଖ ସାମିଲ ଥିଲେ ।

### ଲରମ୍ଭା କଲେଜରେ ଆତ୍ମରକ୍ଷା ତାଲିମ ଶିବିର

ଜାମଟିକ୍ରା,୧୦।୧(ଡି.ଏନ.ଏ.): ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଲରମ୍ଭା ମହାବିଦ୍ୟାଳୟଠାରେ ମଙ୍ଗଳବାର ୮ଦିନିଆ ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ମହାବିଦ୍ୟାଳୟର ପ୍ରଫେସର ଡ. ଦିଗମ୍ବର ଚାନ୍ଦଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବିନାରାୟଣ ପଣ୍ଡା ମୁଖ୍ୟ ଅତିଥି, ବିନୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସୁଜାତା ଭୁଏ ଓ ମୁକ୍ତେଶ୍ୱର ସୁନ୍ଦରିଆ ତାଲିମ ପ୍ରଦାନ କରିଥିଲେ। ହରିଶ ପାତ୍ର ଶିବିର ପରିଚାଳନା କରିଥିଲେ। ଡ. ମୋନିକା ଶତପଥୀ, ପ୍ରଦୀପ କୁମାର ପଣ୍ଡା, ପବିତ୍ର କୁମାର ମାହାଣା, ଯଶୋବନ୍ତୀ ସା, ରିଙ୍କି ଖେତି ସହଯୋଗ କରିଥିଲେ। ଶେଷରେ ଡ. ଅଜିତ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଂଶଗ୍ରହଣ କରିବେ ୪୨ପରେଡ୍ ଦଳ

ସୋନପୁର,୧୦।୧(ନି.ପ୍ର)


ପ୍ରସ୍ତୁତି ବୈଠକରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ ବୃନ୍ଦ ।

**ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି**

ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ସକାଶେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନିଲ ନରୱଣେ ବୈଠକରେ ଅଧକ୍ଷତା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଚଳିତ ବର୍ଷ ଉତ୍ସବରେ ୪୨ଟି ପରେଡ ଦଳ ଅଂଶଗ୍ରହଣ କରିବାକୁ ଥିବା କହିଥିଲେ। ରାମେଶ୍ୱରସ୍ଥିତ ମିନି ଷ୍ଟାଡିୟମରେ ସକାଳ ୮ଟା ୩୦ରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦେଇଥିଲେ। ବିଦ୍ୟାପତି ପଣ୍ଡା ଜିଲାସ୍ତରୀୟ କାର୍ଯ୍ୟକ୍ରମ ସମ୍ପର୍କରେ ବିଶେଷ ସୂଚନା ଦେଇଥିଲେ। ସନ୍ଧ୍ୟାରେ ନୂତନ ଟାଉନ ହଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏସ୍‌ପି ଅମରେଶ କୁମାର ପଣ୍ଡା ପୋଲିସ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶି ପୁନମ ମିଞ୍ଜ୍, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ସୋନପୁର ଉପଜିଲାପାଳ ଡ. ଇପ୍‌ସିତା ପ୍ରିୟଦର୍ଶନୀ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ ଧରୁଆ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଦାମୋଦର କୈବର୍ତ୍ତ, ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଭୁପ୍ରସାଦ ପଣ୍ଡା, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ଜିଲା ମୁଖ୍ୟ କୃଷି ଅଧିକାରୀ ଗୌରିଶଙ୍କର ସିଂ, ଗତିକୃଷ୍ଣ ମିଶ୍ର, ଅକ୍ଷୟ ସାହୁ, ରମେଶ ମିଶ୍ର, ଗୋବିନ୍ଦ ମହାରଣା, କଇରୁ ସ୍ୱାଇଁ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ପ୍ରଦ୍ୟୁମ୍ନ ସାହୁ, ମୀନା ମହାରଣା ଓ ମଧୁସୂଦନ ପ୍ରଧାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଆୟୁଷ ଶିବିରରେ ୧୫୦୦ ଲୋକଙ୍କ ଚିକିତ୍ସା

ବରଗଡ଼ ଅଫିସ୍/ସୋହେଲା,୧୦।୧

ବରଗଡ଼ ଜିଲା ସୋହେଲା ବ୍ଲକ ଦଶମାଇଲ ଛକ ନିକଟ ଆୟୁଷ ଗ୍ରାମ ନଅଗାଁଠାରେ ମଙ୍ଗଳବାର ଏକ ମେଗା ଆୟୁଷ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆୟୁଷ ମିଶନ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଶିବିରକୁ ମୁଖ୍ୟ ଅତିଥି ଭଟଲି ବିଧାୟକ ସୁଶାନ୍ତ ସିଂ ଉଦ୍‌ଘାଟନ କରିଥିଲେ। ଏହାସହିତ ସ୍ଥାନୀୟ ସ୍କୁଲ ପରିସରରେ ଆୟୁଷ ବିଭାଗ ଦ୍ୱାରା ସ୍ଥାପିତ ଏକ ଭେଷଜ ଉଦ୍ୟାନକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ରମେଶ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଆୟୁର୍ବେଦ ବିଭାଗର ପଦକ୍ଷେପକୁ ପ୍ରଶଂସା କରିବା ସହ ଆୟୁର୍ବେଦ, ହୋମିଓପ୍ୟାଥି ଏବଂ ଯୋଗର ଉପକାରିତା ଉପରେ ପରାମର୍ଶ ଦେଇଥିଲେ। ଜିଲା ହୋମିଓପ୍ୟାଥି ଚିକିତ୍ସାଧିକାରୀ ଡା. ଚନ୍ଦ୍ରମୋହନ ବେହେରା, ପ୍ରକଳ୍ପର ନୋଡ଼ାଲ ଅଫିସର ଡା. ପ୍ରଶାନ୍ତ କୁମାର ମିଶ୍ର, ସରପଞ୍ଚ ବିନୋଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

ଶିବିରରେ ଆୟୁର୍ବେଦ ଓ ହୋମିଓପ୍ୟାଥି ଅଧୀନ ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ଯୋଗଦାନ କରିଥିଲେ। ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମାଗଣା ଔଷଧ ବିତରଣ କରାଯାଇଥିଲା। ଯୋଗ ପ୍ରଶିକ୍ଷିକା, ପ୍ରଶିକ୍ଷକମାନେ ଯୋଗ ଶିକ୍ଷାଦାନ କରିଥିଲେ। ଶିବିରରେ ଆଖପାଖ ଅଞ୍ଚଳର ୧୫୦୦ ଲୋକ ଚିକିତ୍ସିତ ହୋଇଥିଲେ। ଆୟୁର୍ବେଦ, ହୋମିଓପ୍ୟାଥି ଚିକିତ୍ସକ, ସହାୟକ, ପିଟିଏସ୍, ଅଫିସ କର୍ମଚାରୀ ଏବଂ ସ୍ଥାନୀୟ ସ୍କୁଲ ଶିକ୍ଷକ, ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଡା. ଅଜିତ କୁମାର ଦର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବରପାଲିକୁ ସବ୍‌ଡିଭିଜନ ଦାବି ଜୋର୍ ଧରିଲା

ବରପାଲି,୧୦।୧(ଡି.ଏନ.ଏ.)

ବରପାଲିକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ ଦାବି ଜୋର୍ ଧରିଛି। ଏହି କ୍ରମରେ ବରପାଲି ସାମ୍ବାଦିକ ସଂଘ ଆବାହକତ୍ୱରେ ମଙ୍ଗଳବାର ଅପରାହ୍ନ ୪ଟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମାରୱାଡ଼ି ଧର୍ମଶାଳାରେ ଆୟୋଜିତ ବୈଠକରେ ସଂଘ ସଭାପତି ଚିତ୍ତ ରଞ୍ଜନ ସାହୁ ଅଧକ୍ଷତା କରିଥିଲେ। ବାଲ କିଶୋର ଖାଡଙ୍ଗା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ ବରପାଲି ସବ୍‌ଡିଭିଜନ ପାଇଁ ଉପଯୁକ୍ତ ଥାଇ ସୁଦ୍ଧା ଏହା ହୋଇପାରିନାହିଁ ବୋଲି ପରେ ସଂଘର ପ୍ରତିଷ୍ଠାତା ସଭାପତି ରକ୍ଷାକାରୀ ବିଶି, ବରିଷ୍ଠ ଆଇନଜୀବୀ ତାରାପଦ ତ୍ରିପାଠୀ କ୍ଷୋଭ ପ୍ରକାଶ କରିଥିଲେ। ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀ, ଜୀବନ ବିନ୍ଦୁ ମୋ ପରିବାରର ଜିଲା ସଂଯୋଜକ ଗୌରହରି ମିଶ୍ର, ସାମାଜିକ କର୍ମୀ ନନ୍ଦଲାଲ ସାହୁ, ଓକିଲ ଗୋକୁଳାନନ୍ଦ ସ୍ୱାଇଁ ପ୍ରମୁଖ ଏହାକୁ ସମର୍ଥନ କରି ମତ ଦେଇଥିଲେ। ବୈଠକରେ ବରପାଲିର ବିଭିନ୍ନ ସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ। ଏହି ଆନ୍ଦୋଳନର ନେତୃତ୍ୱ ସାମ୍ବାଦିକ ସଂଘ, ବଣିକ ସଂଘ ଓ ଓକିଲ ସଂଘ ଉପରେ ନ୍ୟସ୍ତ କରାଗଲା। ଅତିଶୀଘ୍ର ସ୍ଥାନୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରି ଏକ ପ୍ରତିନିଧି ଦଳ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ମତପ୍ରକାଶ ପାଇଥିଲା। ଶେଷରେ ସମ୍ପାଦକ ହର୍ଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଧ ଫେରସ୍ତ ପାଇଲେ ୩୬୫୦ ଏସ୍‌ଏଚ୍‌ଜି

ସୋନପୁର,୧୦।୧(ନି.ପ୍ର)


ଏସ୍‌ଏଚ୍‌ଜିର କର୍ମକର୍ତ୍ତା ମିଶନ ଶକ୍ତି ବିଭାଗ ମନ୍ତ୍ରୀଙ୍କ ନିକଟରୁ ଚେକ୍ ଗ୍ରହଣ କରୁଛନ୍ତି ।

**ସୁବର୍ଣ୍ଣପୁର ଜିଲା**
**■ବ୍ୟାଙ୍କଖାତାକୁ ଗଲା ୧.୪୮ କୋଟି**

ଓଡିଶାରେ ମିଶନ ଶକ୍ତି ଗୋଷ୍ଠୀଙ୍କୁ ସୁଧ ରିହାତି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାର ୩୬୫୦ ମିଶନ ଶକ୍ତି ଗ୍ରୁପ୍ ଉପକୃତ ହୋଇଛନ୍ତି। ସେମାନଙ୍କ ବ୍ୟାଙ୍କ୍‌ଖାତାକୁ ସିଧାସଳଖ ଏହି ସୁଧ ରିହାତି ପ୍ରଦାନ କରାଯାଇଛି। ୨୦୨୨ ଅପ୍ରେଲରୁ ସେପ୍ଟେମ୍ବର ମଧ୍ୟରେ ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟ କରିବା ପାଇଁ ମହିଳାମାନେ ଯେଉଁ ଋଣ ନେଇଥିଲେ ସେହି ଋଣର ସୁଧ ପରିମାଣ ପ୍ରଦାନ କରାଯାଇଛି। ୬ ମାସରେ ସରକାର ଜିଲାର ୩ହଜାର ୬୫୦ ମିଶନ ଶକ୍ତି ଗ୍ରୁପ୍‌ର ବ୍ୟାଙ୍କ୍ ଖାତାକୁ ୧କୋଟି ୪୮ଲକ୍ଷ ୯୧ହଜାର ୬୩୧ ଟଙ୍କାର ସୁଧ ରିହାତି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରୁପ୍‌କୁ ଚେକ୍ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସୋନପୁର ବ୍ଲକର ମା’ଜଗଦମ୍ବା ଏସଏଚ୍‌ଜି ସର୍ବାଧିକ ୨୪ହଜାର ୬୪୮ଟଙ୍କାର ସୁଧ ରିହାତି ପାଇଛନ୍ତି। ସୁବର୍ଣ୍ଣପୁର ଜିଲା ଓ ବ୍ଲକରୁ ଭିଡିଓ କନ୍‌ଫେରେନ୍ସ ଜରିଆରେ ମହିଳାମାନେ ଯୋଡି ହୋଇଥିଲେ। ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ସଚିବ ସୁଜାତା କାର୍ତ୍ତିକେୟନ, ମିଶନ ଶକ୍ତି ବିଭାଗର ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ଗୀତା ବସ୍ତିଆ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।

# ପାପକ୍ଷୟ ଲୋକ ମହୋତ୍ସବ କାର୍ଯ୍ୟାଳୟ ଉଦ୍‌ଘାଟିତ

ବିନିକା, ୧୦।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା-ପାପକ୍ଷୟ ଲୋକ ମହୋତ୍ସବ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। କମିଟି ସଦସ୍ୟ ମା’ ନାରାୟଣୀଙ୍କ ଆଜ୍ଞାମାଳ ଏକ ଶୋଭାଯାତ୍ରାରେ ଆଣି ବିନିକା ସ୍ପୋର୍ଟସ କ୍ଲବକୁ ଆଣିଥିଲେ। ସେଠାରେ କମିଟି ସଭାପତି ସୁଧାଂଶୁ ଶେଖର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିନିକା ଏନଏସି ଅଧକ୍ଷ ସୁବାସ ଚନ୍ଦ୍ର ଭୋଇ, ବିଡିଓ ବ୍ୟାସଦେବ ବେହେରା ଅତିଥିଭାବେ ଯୋଗଦେଇ ମହୋତ୍ସବ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ପରେ ଅତିଥି ଓ କମିଟି ସଦସ୍ୟମାନେ ମହାନ ନାଟ୍ୟକାର, ଅଭିନେତା ତଥା ବିନିକା ମାଟିର ସପୁତ୍ର ସ୍ୱର୍ଗତ ଅଟଳ ବିହାରୀ ପଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଆଶୀର୍ବାଦ ନେଇଥିଲେ। ଉଦଘାଟନୀ ସମାରୋହରେ କମିଟି ସମ୍ପାଦକ ମାନସ ବେହେରା, ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟି ସଭାପତି ସନ୍ତୋଷ ପଣ୍ଡା, ଓଡ଼ିଶା ନାଟକ ଏକାଡେମୀ ସଦସ୍ୟ ଶାଶ୍ୱତ ତ୍ରିପାଠୀ, କମିଟି ଉପଦେଷ୍ଟା ଭୀମସେନ ସାହୁ, ସୋମନାଥ ମିଶ୍ର, ହିମାଂଶୁ ଭୁଷଣ ପଣ୍ଡା, ଧର୍ମରାଜ ପଣ୍ଡା, ସନ୍ତୋଷ ସାହୁ, ରବୀନ୍ଦ୍ର ପାତ୍ର, ହାଡୁ ବଢେଇ, ନବଜୀବନ ପଣ୍ଡା, ଆନନ୍ଦ ହୋତା ପ୍ରମୁଖଙ୍କ ସମେତ ଶତାଧିକ କାଳପ୍ରେମୀ ଉପସ୍ଥିତ ଥିଲେ ।

# ଶିକ୍ଷା ନିର୍ଦ୍ଦେଶକଙ୍କ ସ୍କୁଲ ପରିଦର୍ଶନ


ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଛାତ୍ରୀଛାତ୍ରଙ୍କ ସହିତ ଭାବ ବିନିମୟ କରୁଛନ୍ତି ।

ବରଗଡ଼ ଅଫିସ୍,୧୦।୧

ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ବରଗଡ଼ ରାଣାପ୍ରତାପ ସ୍କୁଲକୁ ମଙ୍ଗଳବାର ଅଚାନକ ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ବିଭିନ୍ନ ଶ୍ରେଣୀର ପାଠପଢ଼ା ଅନୁଧ୍ୟାନ କରିଥିଲେ। ଏହାସହିତ ଛାତ୍ରୀଛାତ୍ରଙ୍କୁ ଆହୁରି ଉନ୍ନତମାନର ଶିକ୍ଷାଦାନ କରିବା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସେ ପରାମର୍ଶ ଦେଇଥିଲେ। ସେହିପରି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହିତ ଭାବ ବିନିମୟ କରି ସମସ୍ୟା ପଚାରି ବୁଝିଥିଲେ। ସ୍କୁଲ ପରିସରରେ ସ୍ୱଚ୍ଛତା ଆଣିବା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପ୍ରଧାନ ପରାମର୍ଶ ଦେଇଥିଲେ। ସ୍କୁଲରେ ଶିକ୍ଷକ, ପିଅନ ପଦବୀ ପୂରଣ, ସ୍କୁଲ ଗୃହ ନିର୍ମାଣ, ମଧ୍ୟାହ୍ନ ଭୋଜନ ପାଇଁ ସୁରକ୍ଷିତ ରନ୍ଧାଘର ନିର୍ମାଣ ପାଇ ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତା, ସଭ୍ୟବୃନ୍ଦ ଶିକ୍ଷା ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ସେ ବିହିତ ପଦକ୍ଷେପ ନେବେ ବୋଲି କହିଥିଲେ ।

# ଫେବୃୟାରୀ ୮ରେ ଜିଲାପାଳଙ୍କ ଅଫିସ ଘେରାଉ

ସୋନପୁର,୧୦।୧(ନି.ପ୍ର)



ଖବରଦାତା ସମ୍ମିଳନୀରେ ଚାଷୀ ନେତା ଅକ୍ଷୟ କୁମାର ଓ ଅନ୍ୟ ନେତୃବୃନ୍ଦ ସୂଚନା ଦେଉଛନ୍ତି ।

**ନବନିର୍ମାଣ କୃଷକ ସଂଗଠନ ସାଙ୍ଗଠନିକ ସମ୍ମିଳନୀ**

ନବନିର୍ମାଣ କୃଷକ ସଂଗଠନ ସୁବର୍ଣ୍ଣପୁର ଜିଲା ଶାଖା ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ ଜିଲା କମିଟି ଗଠନ କରାଯାଇଛି। ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ଚାଷୀଙ୍କୁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ୍ ପ୍ରଦାନ ପାଇଁ ଦାବି କରିଥିଲେ। ଧାନକିଣା ସମୟରେ କଟ୍‌ନି ଛଟ୍‌ନି ବନ୍ଦ କରିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୦୦୦ଟଙ୍କାକୁ ବୃଦ୍ଧି କରିବା, ଅନ୍ନଦାତାଙ୍କୁ ଉଚିତ ସମ୍ମାନ ପ୍ରଦାନ, ବିଦ୍ୟୁତ୍ ବିଲ ଓ କୃଷି ଋଣ ଆଦାୟ ଆଳରେ ଚାଷୀଙ୍କ ସମ୍ମାନ ହାନୀ ବନ୍ଦ କରିବା, ଚାଷୀଙ୍କୁ ସୁରକ୍ଷା ଭତ୍ତା ମାସିକ ୫ ହଜାର ଟଙ୍କା ଓ ବାର୍ଦ୍ଧକ୍ୟ ଭତ୍ତା ୨୦୦୦ଟଙ୍କାକୁ ବୃଦ୍ଧି କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ । ଦାବି ପୂରଣ ନ ହେଲେ ସଂଗଠନ ବ୍ୟାପକ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ସଂଗଠନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଟାଟା ପାୱାର ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ କରିଥିଲେ। ଚାଷୀଙ୍କ ବକେୟା ବିଦ୍ୟୁତ୍ ବିଲ ଓ କୃଷିଋଣ ଛାଡ କରିବା, ସରକାର ଚାଷୀଙ୍କୁ ଏକର ପିଛା ୧୦ ହଜାର ଟଙ୍କାର ନିବେଶ ପ୍ରୋତ୍ସାହନ ରାଶି ପ୍ରଦାନ କରିବା, ସମସ୍ତ ଚାଷ ଜମିକୁ ଜଳସେଚନ, କୃଷି ପାଇଁ ମାଗଣା ବିଜୁଳି ଓ ପାଣିର ବ୍ୟବସ୍ଥା ଏବଂ ଧାନ ମଣ୍ଡିର ଅବ୍ୟବସ୍ଥା ଦୂର କରିବା ପାଇଁ ଦାବି କରା ଯାଇଥିଲା। ଜିଲାରେ ସଂଗଠନକୁ ବ୍ୟାପକ କରିବା ସହିତ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଆସନ୍ତା ଫେବୃୟାରୀ ୮ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନବନିର୍ମାଣ କୃଷକ ସଂଗଠନର ଯୁବଛାତ୍ର ସଂଯୋଜକ ମନୱର ଅଲ୍ଲୀ, ରାଜ୍ୟ ଉପଦେଷ୍ଟା ତଥା ବରିଷ୍ଠ ଚାଷୀ ନେତା ରାଜେନ୍ଦ୍ର ମିଶ୍ର, ସୁବର୍ଣ୍ଣପୁର ଜିଲା ସଂଯୋଜକ ବିଶେଶ୍ୱର ପାଣିଗ୍ରାହୀ, ପ୍ରଦ୍ୟୁମ୍ନ କୁମାର ପାଢୀ, ବ୍ରଜବିହାରୀ ବିଶି ଓ ଜିଲା ସହ ସଂଯୋଜକ ରାଜେନ୍ଦ୍ର ସା ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ କ୍ରିକେଟ: ମାଣ୍ଡୋସିଲ ଚାମ୍ପିୟନ

ପାଇକମାଲ,୧୦।୧(ଡି.ଏନ.ଏ.)

ହକି ବିଶ୍ୱକପ୍ ଅବସରରେ ବରଗଡ ଜିଲା ପାଇକମାଲ ବ୍ଲକସ୍ତରୀୟ କ୍ରୀଡା ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପାଇକମାଲ ହାଇସ୍କୁଲ ପଡ଼ିଆରେ ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ହୋଇଥିଲା। ସୋମବାର ଖେଳରେ କେଛୋଦାଦର, ଝିଟିକି, ବାଦିକଟା ମାଣ୍ଡୋସିଲ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେଥିରୁ ଝିଟିକି ଓ ମାଣ୍ଡୋସିଲ ଫାଇନାଲକୁ ଉନ୍ନୀତ ହୋଇଥିଲେ। ବିଡ଼ିଓ ସୁଶାନ୍ତ କୁମାର ସାହୁ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ଫାଇନାଲରେ ମାଣ୍ଡୋସିଲ ଟସ୍ ଜିଣି ଫିଲ୍ଡିଂ କରିଥିବା ବେଳେ ଝିଟିକି ଦଳ ବ୍ୟାଟିଂ କରି ୮ଓଭରରେ ୩ ଉଇକେଟ ହରାଇ ୮୦ ରନ ସଂଗ୍ରହ କରିଥିଲା। ଜବାବରେ ମାଣ୍ଡୋସିଲ ୪.୫ ଓଭରରେ ୮ ଉଇକେଟ ହରାଇ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଡ଼ିଓ ସୁଶାନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ବ୍ଲକ ଚେୟାରମ୍ୟାନ ଭାବନା ସିଂ, ଜିପିଓ ଅନିଲ କୁମାର ପାଣିଗ୍ରାହୀ, ଖବରଦାତା ବଡ଼ ଶତପଥୀ ଓ ଧୀରେନ ମହାନ୍ତି ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ମାଣ୍ଡୋସିଲ ଓ ଉପବିଜେତା ଝିଟିକି ଦଳକୁ ପୁରସ୍କୃତ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହେମନ୍ତ ମାଝି ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଘନଶ୍ୟାମ ମହାକୁଡ ହୋଇଥିଲେ।

# ସହୋଦୟ କ୍ରିକେଟ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ



ଆୟୋଜକ, ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ ।

ବରଗଡ଼ ଅଫିସ୍,୧୦।୧

ବରଗଡ଼ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ପଶ୍ଚିମ ଓଡ଼ିଶା ସହୋଦୟ ସ୍କୁଲ କମ୍ପ୍ଲେକ୍ସ, ସମ୍ବଲପୁର ପକ୍ଷରୁ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଚାମ୍ପିୟନଶିପ୍-୨୦୨୩ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ସହୋଦୟ ସ୍କୁଲ କମ୍ପ୍ଲେକ୍ସର ଚେୟାରମ୍ୟାନ ତଥା ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ସିମେଣ୍ଟ ନଗର ଇଂଲିଶ ମିଡ଼ିୟମ ସ୍କୁଲର ଅଧ୍ୟକ୍ଷ ସନାତନ ମହାପାତ୍ର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥଙ୍କ ସମେତ ଅନୁଷ୍ଠାନର ଅନ୍ୟ କର୍ମକର୍ତ୍ତା, କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ବରଗଡ଼ ସିମେଣ୍ଟନଗର ଇଂଲିଶ ମିଡ଼ିୟମ ସ୍କୁଲ ଏବଂ ବରପାଲି ଲିଟିଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲ ମଧ୍ୟରେଥ ହୋଇଥିଲା। ୨ଟି ପୁଲ୍‌ରେ ଏହି ପ୍ରତିଯୋଗିତା ଚାଲିଛି। ବରଗଡ଼ର ବିକାଶ ଗ୍ରାଉଣ୍ଡରେ ପୁଲ୍-ଏ ଏବଂ ସମ୍ବଲପୁର ବିକାଶ ଗ୍ରାଉଣ୍ଡରେ ପୁଲ୍-ବି ମ୍ୟାଚ୍ ଚାଲିଛି।

# ବୋଡ଼ାସମ୍ବର କ୍ରିକେଟ: ସେମିରେ ରାଉରକେଲା

ପଦ୍ମପୁର,୧୦।୧(ଡି.ଏନ.ଏ.)



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡିଆରେ ଚାଲିଥିବା ୨୭ତମ ସର୍ବଭାରତୀୟ ବୋଡାସମ୍ବର କ୍ରିକେଟ କପ୍‌ର ମଙ୍ଗଳବାର ଦ୍ୱିତୀୟ ଦିବସରେ ବରଗଡ଼ ବ୍ଲୁ ଡାଇମଣ୍ଡ ଓ ଆର୍‌ଉଆଇସିସି ରାଉରକେଲା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ମ୍ୟାଚ୍ ଆରମ୍ଭରେ ପ୍ରଥମେ ବରଗଡ଼ ଦଳ ଟସ୍ ଜିଣି ରାଉରକେଲା ଦଳକୁ ବ୍ୟାଟିଂ କରିବାର ସୁଯୋଗ ଦେଇଥିଲା। ରାଉରକେଲା ଦଳ ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଜବାବରେ ବରଗଡ଼ ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୭୫ ରନ ସଂଗ୍ରହ କରି ରାଉରକେଲା ଦଳଠାରୁ ପରାସ୍ତ ହୋଇଥିଲା। ଫଳରେ ଗ୍ରୁପ୍ ‘ଏ’ରେ ରାଉରକେଲା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚ୍‌ରେ ରାଉରକେଲା ଦଳର ରଣଜିତ ସିଂ ୪୪ ରନ କରିଥିବା ବେଳେ ବରଗଡ଼ ଦଳର ମିତ୍ର ପ୍ରଧାନ ୫ଟି ଉଇକେଟ ନେଇଥିଲେ। ବୁଧବାର ତୃତୀୟ ଦିନରେ ଗ୍ରୁପ୍ ‘ଏ’ ପୋଲ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଆହ୍ଲାବାଦ ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ ଦିବସ ମ୍ୟାଚ୍‌ରେ ବୋଡାସମ୍ବର ସ୍ପୋର୍ଟିଂର ଉଦ୍ୟୋକ୍ତା ପ୍ରଶାନ୍ତ ମହାନ୍ତି, ସଦସ୍ୟ କପିଲ ଅଗ୍ରୱାଲ, ସୁରଜୀତ ଦୀପ, ଧ୍ୟାନଚାନ୍ଦ ଲୁହାର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ରାଉରକେଲା ଦଳର ଆଶିଷ ତିୱାରୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ବିଶ୍ୱ ହିନ୍ଦୀ ଦିବସରେ ବିଭିନ୍ନ ପ୍ରତିଯୋଗିତା

**ରେଙ୍ଗାଲି,୧୦।୧(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ହିନ୍ଦୀ ଦିବସ ଉପଲକ୍ଷେ ମଙ୍ଗଳବାର ନୂଆଁ ରମ୍ଭେଲା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବ୍ୟାଙ୍କ ଶାଖା ପ୍ରବନ୍ଧକ ଅଶୋକ ତାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝରଣା କୁମାରୀ ବେହେରା ହିନ୍ଦୀ ଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ହିନ୍ଦୀ ଶିକ୍ଷକ ରମଣୀ ରଞ୍ଜନ ବେହେରା ସଭା ପରିଚାଳନା କରିଥିଲେ।

### ଆମ୍ବେଡକର ଭବନରେ ରକ୍ତଦାନ ଶିବିର

**ସମ୍ବଲପୁର,୧୦।୧(ବ୍ୟୁରୋ):** ସମ୍ବଲପୁର ଆମ୍ବେଦକର ନଗରସ୍ଥିତ ଆମ୍ବେଡକର ଭବନଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁଶ୍ରୀ ଅଂଶୁପ୍ରିୟା ସୁରୁଜାଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ଅନୁଷ୍ଠିତ ଶିବିରକୁ ବିଏସ୍‌ପି ସମ୍ବଲପୁର ଜିଲା ସଭାପତି ଆଇନଜୀବୀ ଦିଲୀପ ସିଂ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ରାମଦାସ ପଣ୍ଡା, ମାନସ ପୁରୋହିତ, ଆମ୍ବେଡ଼କର ଯୁବକ ସଂଘ ସଭାପତି ଶୁକଦେବ ରଞ୍ଜିତ ଓ ଉପେଶ ବର୍ମା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

### ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ବିଶ୍ୱ ହିନ୍ଦୀ ଦିବସ

**ସମ୍ବଲପୁର,୧୦।୧(ବ୍ୟୁରୋ):** ସମ୍ବଲପୁର ଆକାଶବାଣୀ କେନ୍ଦ୍ରରେ ମଙ୍ଗଳବାର ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଉପନିର୍ଦ୍ଦେଶକ ଅଭିଯାନ୍ତ୍ରିକ ରମେଶ ଚନ୍ଦ୍ର ଭୋଇ ଅଧ୍ୟକ୍ଷତାରେ କରିଥିଲେ। ମୁଖ୍ୟ ମନୋଜ ପୂଜାରୀ, କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗ, ଜଗନ୍ନାଥ କୁଅଁରଙ୍କ ସହ କେନ୍ଦ୍ରର ଅନ୍ୟ ଅଧିକାରୀ, କର୍ମର୍ମଚାରୀ ଯୋଗଦେଇ କାର୍ଯ୍ୟାଳୟରେ ହିନ୍ଦୀ ଭାଷାର ବ୍ୟବହାର ଉପରେ ଆଲୋକପାତ କରିଥିଲେ। ସଂଗୀତ ସଂଯୋଜକ ବିଜୟ କୁମାର ବେହେରା ଓ ପ୍ରସାରଣ ନିଷ୍ପାଦକ ସୌଭାଗ୍ୟ କୁମାର ରଥ ବିଦେଶରେ ହିନ୍ଦୀ ଭାଷାର ବ୍ୟବହାର ସମ୍ପର୍କରେ କହିଥିଲେ। ରାଜଭାଷା ଅଧିକାରୀ କ୍ଷେତ୍ରମଣି ବିଭାର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ସୌଣ୍ଡିକ ସମାଜର ବାର୍ଷିକ ମହାସଭା ପ୍ରସ୍ତୁତି

**ଜମନକିରା,୧୦।୧(ଡି.ଏନ.ଏ.):** ଜମନକିରା ଥାନା ନିକଟ ସାହୁ କଲୋନୀରେ ସୌଣ୍ଡିକ ସମାଜର ବାର୍ଷିକ ମହାସଭା ପାଇଁ ପ୍ରସ୍ତୁତି ବୈଠକ ସଭାପତି ଦୋଳ ଗୋବିନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦିଲୀପ ପୃଷେଠଙ୍କ ସମେତ ଆଖପାଖ ଅଞ୍ଚଳର ଜାତିଭାଇ ଉପସ୍ଥିତ ଥିଲେ। ଆସନ୍ତା ଫେବୃୟାରୀ ୮ରେ ମହାସଭା ହେବ ବୋଲି ବୈଠକରେ ସ୍ଥିର ହୋଇଥିଲା। ବୈଠକରେ ସମାଜର ନରେନ୍ଦ୍ର ସାହୁ, ଦିବ୍ୟ ସାହୁ, ଦିଲୀପ ସାହୁ, ହରେଶ ସେନାପତି, ସନ୍ତୋଷ ପୃଷ୍ଟେଟ, ନବୀନ ନାଏକ, ଦୁର୍ଗା ସେନାପତି ପ୍ରମୁଖ କର୍ମକର୍ତ୍ତା ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଶେଷରେ ଶ୍ରୀ ନରେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲା ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ସ୍କୁଟି ପ୍ରଦାନ

**ଝାରସୁଗୁଡା ଅଫିସ,୧୦।୧:** ଜିଲାପାଳ ସରୋଜ କୁମାର ସାମଲ ଦିବ୍ୟାଙ୍ଗମାନଙ୍କୁ ସ୍ୱତନ୍ତ୍ର ଉପକରଣ ଖଞ୍ଜା ହୋଇଥିବା ସ୍କୁଟି ପ୍ରଦାନ କରିଛନ୍ତି। ଜିଲାପାଳ ସାମଲ ଚଳିତବର୍ଷ ପାଇଁ ୧୦ ଗୋଟି ସ୍କୁଟି ଦିବ୍ୟାଙ୍ଗମାନଙ୍କ ପାଇଁ ମଞ୍ଜୁର କରିଥିଲେ। ତନ୍ମଧ୍ୟରୁ ଲଖନପୁର ବ୍ଲକର ୩ ଦିବ୍ୟାଙ୍ଗଙ୍କୁ ଜାନୁୟାରୀ ୯ରେ ବ୍ଲକଠାରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ୩ଟି ସ୍ୱତନ୍ତ୍ର ସ୍କୁଟି ପ୍ରଦାନ କରିଥିଲେ। ଜିଲା ପ୍ରଶାସନର ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶର ଅମାତ, ପ୍ରବନ୍ଧକ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲୋମଣି ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପାଲକ୍ଷ୍ମୀ ହୋତା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ‘ପ୍ରସ୍ତୁତ ରହିଛି ସ୍ୱାସ୍ଥ୍ୟ ବିଭାଗ’

**ହକି ବିଶ୍ୱକପକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା**

**ଯୋଗଦେଲେ ଦୁଇ ଜିଲାର ଅଧିକାରୀ**

**ଝାରସୁଗୁଡ଼ା ଅଫିସ,୧୦।୧**

ପୁରୁଷ ବିଶ୍ୱକପ ହକି ଅବସରରେ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ସଂକ୍ରାନ୍ତରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଝାରସୁଗୁଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କ ଉପସ୍ଥିତିରେ ବୈଠକରେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାରେ ବିଭାଗୀୟ ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଉଭୟ ଜିଲାର ଅଧିକାରୀ ଯୋଗଦେଇ ପ୍ରସ୍ତୁତି ବିଷୟରେ ଅବଗତ କରିଥିଲେ।

ବିଶେଷକରି ହକି ବିଶ୍ୱକପ ଆୟୋଜନ କରୁଥିବା ସୁନ୍ଦରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ଅତିଥି ଓ ଦର୍ଶକ ଝାରସୁଗୁଡ଼ା ବିମାନବନ୍ଦର ଦେଇ ରାଉରକେଲାକୁ ଯିବାଆସିବା କରିବାକୁ ଥିବାରୁ ଝାରସୁଗୁଡ଼ା ଜିଲାର ପ୍ରସ୍ତୁତି ସଂକ୍ରାନ୍ତରେ ମଧ୍ୟ ମନ୍ତ୍ରୀ ଦାସ ସମୀକ୍ଷା କରିଥିଲେ। ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧନ କରି ମନ୍ତ୍ରୀ କହିଥିଲେ, ହକି ବିଶ୍ୱକପ ପାଇଁ ସ୍ୱାସ୍ଥ୍ୟ ବିଭାଗ ସବୁପ୍ରକାର ପ୍ରସ୍ତୁତ ରହିଛି। ଦର୍ଶକ କିମ୍ବା ଅତିଥିମାନଙ୍କୁ ଯେମିତି କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ନ ପଡ଼ିବ ସେଥିପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜିଲା ଚିକିତ୍ସାଳୟ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ପ୍ରସ୍ତୁତ କରି ରଖାଯାଇଛି। ଷ୍ଟାଡିୟମ ମଧ୍ୟରେ ଚାରିଟି ସ୍ୱତନ୍ତ୍ର ଚିକିତ୍ସାକାରୀ ଦଳ ସହ ଡାକ୍ତରମାନଙ୍କୁ ନିୟୋଜିତ କରାଯାଇଛି। ଏହାଛଡା ଅସ୍ଥିଶଲ୍ୟ ବିଶେଷଜ୍ଞ ଯୋଗାଇଦେବାକୁ ବୁର୍ଲା ଭିମ୍‌ସାର ନିର୍ଦ୍ଦେଶକଙ୍କୁ କୁହାଯାଇଛି। ସବୁପ୍ରକାର ଔଷଧ ମଧ୍ୟ ଉପଲବ୍ଧ ରହିଛି। ପ୍ରତି ମ୍ୟାଚରେ ଖେଳାଳି, ଅଧିକାରୀଙ୍କ ବ୍ୟତୀତ ଅତି କମ୍‌ରେ ୨୦ହଜାର ଦର୍ଶକଙ୍କ ସମାଗମ ହେବ। ସେଥିପାଇଁ ପ୍ରସ୍ତୁତି କରାଯାଇଛି। କୋଭିଡ୍ ସଂକ୍ରମଣ ଉପରେ ନଜର ରଖାଯାଇଛି। ସୁନ୍ଦରଗଡ଼ରେ ଗତ ୧୦ଦିନ ଭିତରେ ଗୋଟିଏ ବି କୋଭିଡ୍ ମାମଲା ବାହାରି ନାହିଁ। ଯଦି ବି କୋଭିଡ୍ ସଂକ୍ରମଣ ନଜରକୁ ଆସେ ଆମର ସବୁ ବ୍ୟବସ୍ଥା ରହିଛି। ଆନ୍ତର୍ଜାତିକ ଖେଳାଳିମାନେ ସମସ୍ତ କୋଭିଡ୍ ପ୍ରୋଟୋକଲ ମଧ୍ୟରେ ଆସୁଥିବାରୁ ଭୁବନେଶ୍ୱର କିମ୍ବା ରାଉରକେଲାଠାରେ କୋଭିଡ ଯାଞ୍ଚ, ସଂଗରୋଧ ଆଦିର କୌଣସି ଆବଶ୍ୟକତା ନାହିଁ ବୋଲି ମନ୍ତ୍ରୀ ଦାସ ସ୍ପଷ୍ଟ କରିଛନ୍ତି। ବୈଠକରେ ସୁନ୍ଦରଗଡ଼ ଜିଲାପାଳ ଡା. ହର୍ଷଦପାଲା ଗାଭାଲୀ, ଝାରସୁଗୁଡ଼ା ଜିଲାପାଳ ସରୋଜ ସାମଲଙ୍କ ସମେତ ଉଭୟ ଜିଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।


ସମୀକ୍ଷା ବୈଠକରେ ଉପସ୍ଥିତ ଥିବା ମନ୍ତ୍ରୀ ଓ ଅଧିକାରୀମାନେ।

### ସ୍କୁଲ ପ୍ରତିଷ୍ଠା ପୂର୍ବ ତାରିଖରେ ସିଏଲ୍‌ସି ପ୍ରଦାନ ଅଭିଯୋଗ

**ସମ୍ବଲପୁର,୧୦।୧(ବ୍ୟୁରୋ)**

ଯୁଯୁମୁରା ବ୍ଲକ ଅନ୍ଧାରୀ ଗ୍ରାମର ହାଇସ୍କୁଲ ନାମ ଥିବା ଏକ ସିଏଲ୍‌ସିକୁ ନେଇ ବିବାଦ ଦେଖାଦେଇଛି। ଜଣେ ବ୍ୟକ୍ତିଙ୍କୁ ଦିଆଯାଇଥିବା ସିଏଲ୍‌ସିରେ ଲେଖାଯାଇଥିବା ତାରିଖ ସ୍କୁଲ ନିର୍ମାଣ ପୂର୍ବରୁ ରହିଥିବା ଅଭିଯୋଗ ହୋଇଛି। ଏ ନେଇ କଂଗ୍ରେସ ନେତା ଆସଫ ଅଲ୍ଲି ଖାନ ଲିଖିତ ଅଭିଯୋଗ କରିବା ପରେ ବ୍ଲକ ଶିକ୍ଷା ଅଧିକାରୀ ଏହାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୋଗ କ୍ରମେ ଅନ୍ଧାରୀ ଗ୍ରାମରେ ୧୯୯୪ ମସିହାରେ ହାଇସ୍କୁଲ ନିର୍ମାଣ ହୋଇ କାର୍ଯ୍ୟକାରୀ ହୋଇଥିଲା। ହେଲେ ରେଢାଖୋଲ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ୧୯୯୦ ଅକ୍ଟୋବର ମାସରେ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏଥିରେ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ସ୍ୱାକ୍ଷର ରହିଛି। ଏହି ସାର୍ଟିଫିକେଟ ନେଇ ସେ ଉଚ୍ଚଶିକ୍ଷା ଲାଭ କରି ଏବେ ଶିକ୍ଷକତା କରୁଛନ୍ତି। ତେଣୁ ଏହାର ଉଚିତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ।

### ଜିଏମ୍‌ୟୁରେ ସାଇବର ଠକେଇ ସଚେତନତା

**ସମ୍ବଲପୁର,୧୦।୧(ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ସାଇବର ଠକେଇ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଇକୋନୋମିକ୍ସ ମୁଖ୍ୟ ଡ. ଉମାଚରଣ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଏନ୍. ନାଗାରାଜୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କୁଳସଚିବ ଯୁଗଳେଶ୍ୱରୀ ଦାଶ ଓ ସ୍ନାତକୋତ୍ତର ବିଭାଗ ସମୂହ ଅଧ୍ୟକ୍ଷ ସୁଶାନ୍ତ କୁମାର ଦାସ ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ତଥା ରିଜର୍ଭ ବ୍ୟାଙ୍କର ଚିଫ୍ ଜେନେରାଲ ମ୍ୟାନେଜର, ମହାରାଷ୍ଟ୍ର ଓ ଗୋଆର ଲୋକପାଳ ଡ. ସୁଶାନ୍ତ କୁମାର କର ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର କାର୍ଯ୍ୟପ୍ରକ୍ରିୟା ବିଷୟରେ ଆଲୋଚନା କରିଥିଲେ। ଏହାସହ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସାଇବର ଠକେଇ ନେଇ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରିଥିଲେ।

# ଡିଗ୍ରୀ କଲେଜ ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ


ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**କୁଚିଣ୍ଡା,୧୦।୧(ଡି.ଏନ.ଏ.)**

ବାମରା ବ୍ଲକ କେଶାଇବାହାଲଠାରେ ୧୯୯୭ ମସିହାରେ ସ୍ଥାପିତ ବାସୁଦେବ ଗୋଦାବରୀ ଡିଗ୍ରୀ ମହାବିଦ୍ୟାଳୟରେ ୩ଦିନ ଧରି ଚାଲିଥିବା ରୌପ୍ୟ ଜୟନ୍ତୀ ରବିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦୟା ସାଗର ପ୍ରଧାନଙ୍କ ତତ୍ତ୍ୱାବଧାନରେ ପ୍ରତିଷ୍ଠାତା ସଭାପତି ସଜନ ଖଣ୍ଡେଲୱାଲ ଓ ପ୍ରତିଷ୍ଠାତା ଅଧ୍ୟକ୍ଷ ଘାସିରାମ ସାହୁ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିବସରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ସଂଯୁକ୍ତା ଦାଶ ମୁଖ୍ୟଅତିଥି ଓ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଡ. ନୃପରାଜ ସାହୁ ମୁଖ୍ୟବକ୍ତା ଓ ରିଜିଓନାଲ ଡ଼ାଇରେକ୍ଟର ପ୍ରଭାତୀ ଗୁରୁ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ମିସ ଓଡ଼ିଶା ୨୦୨୧ ଓ ମିସ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ପ୍ରତ୍ୟୁଷା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସର ପ୍ରଥମ ପର୍ଯ୍ୟାୟ ସଭାରେ ପ୍ରଖ୍ୟାତ ଗୀତିକାର ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟଅତିଥି, କୁଚିଣ୍ଡା ଏସ୍‌ଡ଼ିପିଓ ରଜକିଶୋର ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଆଲୁମ୍‌ନୀ ସଭାପତି ପଦ୍ମଚରଣ ଗୁରୁ, ଉପସଭାପତି ସୌମ୍ୟରଞ୍ଜନ ଧଳ, ସମ୍ପାଦକ ବିଜୟ ଶଙ୍କର ସାହୁ, ଯୁଗ୍ମ ସମ୍ପାଦକ ଶୁଭମ ନାଏକ, କୋଷାଧ୍ୟକ୍ଷ ଦେବରାଜ ବେହେରା ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସଭାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଓ ସମ୍ବଲପୁର ଜିଲା ପରିଷଦ ସଭାପତି କୁମୁଦିନି ନାୟକ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲ୍ଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଅଧ୍ୟାପକ ହରେଶ କୁମାର ସାହୁ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଶ୍ୟାମ ସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ। ପରେସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୨ ନାବାଳକ କଲିକତାରୁ ଉଦ୍ଧାର

**ଦେଢମାସ ଧରି ନିଖୋଜ ଥିଲେ**

**ଝାରସୁଗୁଡ଼ା ଅଫିସ,୧୦।୧**

ନିଖୋଜର ଦେଢମାସ ପରେ ବନହରପାଲି ଥାନା ପୋଲିସ ୨ ନାବାଳକ ଛାତ୍ରଙ୍କୁ କଲିକତାସ୍ଥିତ ହାଓଡା ରେଲଷ୍ଟେଶନରୁ ଉଦ୍ଧାର କରି ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଛି। ପୋଲିସ ଉପସ୍ଥିତିରେ ସିଡବ୍ଲ୍ୟୁସି ନାବାଳକ ଦ୍ୱୟଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଉଦ୍ଧାର ଦୁଇ ନାବାଳକ ହେଲେ ଛର୍ଲା ଗ୍ରାମର ଅନୁରାଗ ଓରାମ(୧୨) ଓ ଠେଲକୋଲି ଥାନା ତିଲେଇମାଲ ଗ୍ରାମର ଶଙ୍କର ଓରାମ(୧୫)। ସୂଚନା ଅନୁସାରେ ତିଲେଇମାଲ ଗ୍ରାମର ନାବାଳକ ଶଙ୍କର ମାଉସୀ ଘର ଗ୍ରାମ ଛର୍ଲାରେ ରହୁଥିଲେ। ମାଉସୀ ପୁଅ ଅନୁରାଗଙ୍କ ସହିତ ମିଶି ସେ ଘରୁ କେଉଁଆଡେ ଚାଲିଯାଇଥିଲେ। ଘର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କର ସନ୍ଧାନ ମିଳି ନ ଥିଲା। ପରେ ଅନୁରାଗଙ୍କ ମା’ ପ୍ରମିଳା ଓରାମ ଏ ନେଇ ବନହରପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏକ ମାମଲା (ନଂ.୨୬୪/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ଏପରିସ୍ଥଳେ ଦୁଇ ନାବାଳକଙ୍କୁ ହାଓଡା ରେଲଷ୍ଟେଶନରେ ଆର୍‌ପିଏଫ୍ ପୋଲିସ୍ ଧରି ଜେରା କଲାପରେ ସେମାନଙ୍କ ପରିଚୟ ପାଇ ଓଡ଼ିଶା ପୋଲିସ ସହ ଯୋଗାଯୋଗ କରିଥିଲା। ଖବରପାଇ ବନହରପାଲି ଥାନା ପୋଲିସ୍‌ର ଏକ ସ୍ୱତନ୍ତ୍ର ଟିମ୍ ହାଓଡାରେ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରି ଓଡ଼ିଶା ଅଣିଥିଲା ବୋଲି ଆଇଆଇସି ଆନ୍ନା ମିଞ୍ଜ କହିଛନ୍ତି।


ଉଦ୍ଧାର ଦୁଇ ନାବାଳକ।

### ଗ୍ରାମାଞ୍ଚଳ କ୍ରିକେଟ: ରେଙ୍ଗାଲି ଚାମ୍ପିୟନ

**ଝାରସୁଗୁଡ଼ା ଅଫିସ,୧୦।୧**

ଲଖନପୁର ବ୍ଲକ୍ କୁମ୍ଭାରବନ୍ଧ ପଞ୍ଚାୟତ ରେଙ୍ଗାଲି ଗ୍ରାମର ନାଗରାଜ କ୍ଲବ୍ ତରଫରୁ ୫ଦିବସୀୟ ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମୁଦାୟ ୧୬ଦଳ ଅଂଶଗ୍ରହଣ କରିଥିଲେ । ରେଙ୍ଗାଲି ଓ ଖଣ୍ଡସା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ରେଙ୍ଗାଲି ଦଳ ଚାମ୍ପିୟନ ହୋଇଥିଲା। ବିଜୟୀ ଦଳର ଅନିଲ କୁଅଁର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଖଣ୍ଡସା ଦଳର ନବୀନ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ପ୍ରେମ, କୁନା ଓ ଲିଟୁ ଅମ୍ପେୟାର ଭାବେ ଖେଳ ପରିଚାଳନା କରିଥିଲେ। ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ୨୦ହଜାର ଓ ଉପବିଜେତା ଦଳକୁ ରନର୍ସ ଟ୍ରଫି ସହ ୧୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ସଭାରେ ସୁଜାତା ଡିଗଲ ମୁଖ୍ୟଅତିଥି ଓ ମା ଭବାନୀ ଏସ୍‌ଏଚ୍‌ଜି ଗ୍ରୁପର କର୍ମକର୍ତ୍ତା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ।

# ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନିର୍ମାଣ ପାଇଁ ଭାଜପାର ଦାବିପତ୍ର

**ନାକଟିଦେଉଳ,୧୦।୧(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ସଦର ମହକୁମା ବସ୍‌ଷ୍ଟାଣ୍ଡଠାରେ ଶୌଚାଳୟ ନିର୍ମାଣ ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଭାଜପା ଜୋନ-୨ ତରଫରୁ ଦାବି କରାଯାଇଛି। ଏହି ମର୍ମରେ ମଙ୍ଗଳବାର ଦଳୀୟ କର୍ମକର୍ତ୍ତା ବିଡିଓ ବିବେକାନନ୍ଦ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି, ବ୍ଲକ ସଦର ମହକୁମାରେ ମହାବିଦ୍ୟାଳୟ, ଥାନା, ତହସିଲ, ବ୍ୟାଙ୍କ, ପୋଷ୍ଟ ଅପିସ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ରହିଛି। ବିଭିନ୍ନ କାମ ପାଇଁ ଲୋକେ ଏଠାକୁ ଆସିଥାନ୍ତି। ଏହାସହ ଗନ୍ତବ୍ୟ ସ୍ଥଳକୁ ଯାତ୍ରା ପାଇଁ ଏଠାରେ ଲୋକେ ବସ୍‌କୁ ଅପେକ୍ଷା କରିଥାନ୍ତି। ହେଲେ ପିଇବା ପାଣି ସାଙ୍ଗକୁ ଶୌଚାଳୟ କିମ୍ବା ପରିସ୍ରାଗାର ନ ଥିବାରୁ ସାଧାରଣ ଲୋକ ଓ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଦଳୀୟ ନେତା ଗୋବିନ୍ଦ ଅଗ୍ରୱାଲାଙ୍କ ନେତୃତ୍ୱରେ ଜୋନ-୨ କର୍ମୀ କୁମାରେଶ ସ୍ୱାଇଁ, ହରିହର ସାହୁ, ଦୀପକ କୁମାର ସାହୁ, ପ୍ରଫୁଲ୍ଲ କୁମାର ପ୍ରଧାନ, ଛବିଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି ଦଳୀୟ ନେତୃବୃନ୍ଦ।

# ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ

**କୁଚିଣ୍ଡା,୧୦।୧(ଡି.ଏନ.ଏ.)**

କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମଠାରେ ୩ଦିନ ଧରି ଚାଲିଥିବା ସମ୍ବଲପୁର ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରିଣୀ ମିନାରାଣୀ ମଙ୍ଗଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, କୁଚିଣ୍ଡା ଉପଜିଲାପାଳ ବିଭୂତିଭୂଷଣ ନାଏକ, କୁଚିଣ୍ଡା ବିଡିଓ ନିରଞ୍ଜନ ସା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହ ଛାତ୍ରୀଛାତ୍ରଙ୍କ ପାଇଁ ଖେଳକୁଦର ଆବଶ୍ୟକ ରହିଥିବା କହିଥିଲେ। ପ୍ରତିଯୋଗିତାରେ ୯ଗୋଟି ବ୍ଲକ ଅଧୀନ ବିଭିନ୍ନ ହାଇସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୭ବର୍ଷରୁ କମ ବାଳକ ବିଭାଗରେ ଯୁଯୁମୁରା ବ୍ଲକ ଓ ବାଳିକା ବିଭାଗରେ କୁଚିଣ୍ଡା ବ୍ଲକ ଚାମ୍ପିୟନ ହୋଇଥିଲେ।୧୪ବର୍ଷରୁ କମ୍ ବାଳକ ବିଭାଗରେ ମାନେଶ୍ୱର ବ୍ଲକ ଓ ବାଳିକା ବିଭାଗରେ କୁଚିଣ୍ଡା ବ୍ଲକ ଚାମ୍ପିୟନ ହୋଇଥିଲେ। ଖେଳକୁଦ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ରଣଜିତ ବରିହା, କମଳ ଲୋଚନ ବେହେରା, ଭବାନୀ ଶଙ୍କର ନାଏକ, ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାସୀନୀ ବେହେରା, ଏବିଇଓ ଗୌରାଙ୍ଗ କୁସୁମ ପ୍ରମୁଖ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ଜୟଶ୍ରୀ ଦୋରା ସ୍ୱାଗତ ଭାଷଣ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ଧନ୍ୟବାଦ ଦେଇଥିଲେ।

# ସାଇକେଲ ଅଭିଯାତ୍ରୀ ଦଳଙ୍କୁ ସ୍ୱାଗତ

**ସମ୍ବଲପୁର,୧୦।୧(ବ୍ୟୁରୋ)**

ସମ୍ବଲପୁର ବୁଢାରଜା ସ୍କୁଲରେ ଆଇରନ୍ ମଙ୍କ୍ ଅନୁଷ୍ଠାନର ଏକ ଚାରିଜଣିଆ ସାଇକେଲ ଅଭିଯାତ୍ରୀ ଦଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗୋପାଳ କୃଷ୍ଣ ସାହୁଙ୍କ ନେତୃତ୍ୱରେ ବିଶ୍ୱବସୁ ଦାଶ, ରମେଶ କୁମାର ସାହୁ ଓ ମାନସ ରଞ୍ଜନ ଖିଲାର ପ୍ରମୁଖ ଏହି ଦଳରେ ରହିଛନ୍ତି। ଏମାନେ ପୂର୍ବାହ୍ନରେ ବିଦ୍ୟାଳୟରେ ପହଞ୍ଚିବା ପରେ ପ୍ରଧାନଶିକ୍ଷକ ସୁମିତା ପତ୍ରୀ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ସେମାନେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ କୁଇଜ୍ କାର୍ଯ୍ୟକ୍ରମ କରି ହକି ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ବିଶ୍ୱକପ୍ ହକିର ଲୋଗୋ ଥିବା ଟି ଶାର୍ଟ ପ୍ରଦାନ କରିଥିଲେ। ଏହାପରେ ସେମାନେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ।


ବୁଢାରଜା ହାଇସ୍କୁଲରେ ସାଇକେଲ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଚାକିରି ଏକମାତ୍ର ବିକଳ୍ପ ନୁହେଁ: ମନ୍ତ୍ରୀ

**ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୬ତମ ପ୍ରତିଷ୍ଠା ଦିବସ**

**ସମ୍ବଲପୁର,୧୦।୧(ବ୍ୟୁରୋ)**

କେବଳ ଚାକିରି ରୋଜଗାରର ଏକମାତ୍ର ବିକଳ୍ପ ନୁହେଁ। ଆତ୍ମନିର୍ଭରଶୀଳ ହେବା ସହିତ ଉଦ୍ୟମିତା ମନୋଭାବ ଉପରେ ଲକ୍ଷ୍ୟ ରହିବା ଦରକାର। ନୂତନ ବୈଷୟିକ ଜ୍ଞାନକୌଶଳ ଆଧାରିତ ଦକ୍ଷତା ବିକାଶ ଓ ଧନ୍ଦାମୂଳକ ଶିକ୍ଷାର ପ୍ରସାର ପାଇଁ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ଛାତ୍ରୀଛାତ୍ରଙ୍କୁ ଉଦ୍ୟୋଗୀ ହେବା ପାଇଁ ଉତ୍ସାହିତ କରିବା ସକାଶେ ଷ୍ଟାର୍ଟ-ଅପ୍ ନୀତି ଆସିବ। ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଦେଶର ଶ୍ରେଷ୍ଠ ସଂସ୍ଥାନରେ ପରିଣତ କରିବା ଦିଗରେ ପୁରାତନ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଶିଳ୍ପସଂସ୍ଥାନ ଆଗେଇ ଆସିବାକୁ ୫୬ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ ଆହ୍ୱାନ ଦେଇଥିଲେ। କୁଳପତି ପ୍ର. ବିଧୁଭୂଷଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବରେ ବିଶାଖାପାଟନମ୍ କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଟି.ଭି. କଟମଣୀ ବିଦ୍ୟାର୍ଥୀଙ୍କ ସହିତ ଉତ୍ସର୍ଗୀକୃତ ମନୋଭାବ ସମ୍ପନ୍ନ ଶିକ୍ଷକ ସମାଜରେ ପରିବର୍ତ୍ତନ ଆଣିପାରିବେ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଙ୍ଗାଧର ଜାତୀୟ ପୁରସ୍କାର (କବିତା) ବିଶିଷ୍ଟ ମାଲାୟଲମ କବି କେ. ଶଙ୍କର ପିଲ୍ଲାଇଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ କୁଳସଚିବ ଡ. ନୃପରାଜ ସାହୁ ଅତିଥି ପରିଚୟ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଲ୍ଲେଖନୀୟ ଅବଦାନ ପାଇଁ ହୀରାକୁଦର ସାମାଜିକ କର୍ମୀ ବିପିନ ବିହାରୀ ପଣ୍ଡା, ବରଗଡ଼ର ପ୍ରକୃତିପ୍ରେମୀ ଚକ୍ରଧର ପ୍ରଧାନ, କଳା ଓ ସଂସ୍କୃତି ପାଇଁ ସୁଶିଳା ନାୟକଙ୍କୁ ସମ୍ମାନିତ କରାଯାଇଥିଲା।


ଉତ୍ସବରେ ଜଣେ ପ୍ରତିଭାଙ୍କୁ ଗଙ୍ଗାଧର ସମ୍ମାନ ପ୍ରଦାନ କରୁଛନ୍ତି ଅତିଥି ।

## ସଂକ୍ଷେପରେ

### ଠେଙ୍ଗାରେ ପିଟି ଯୁବକଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

**ଭବାନୀପାଟଣା,୧୦।୧(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ତଥା ମହୁଲପାଟଣା ଫାଣ୍ଡି ଅନ୍ତର୍ଗତ ଖମାରପଦର ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ମୃତକ ଗ୍ରାମର ଡ଼ମେନ ମାଝି (୫୦)। ଅଭିଯୁକ୍ତ ଉକ୍ତ ଗାଁର ଚକ୍ର ମାଝିଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଖମାରପଦର ଗ୍ରାମର ଡ଼ମେନ ଓ ତାଙ୍କ ସ୍ତ୍ରୀ ଲଛମାଏ ସନ୍ଧ୍ୟାରେ ଘର ଦୁଆରେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ପୋଉଁଥିଲେ। ଏହି ସମୟରେ ଚକ୍ର ମାଝି ସେଠାକୁ ଆସି ଡ଼ମେନଙ୍କ ମୁଣ୍ଡକୁ ଏକ ଠେଙ୍ଗାରେ ପିଟି ଦେଇଥିଲେ। ଘଟଣାସ୍ଥଳରେ ହିଁ ଟଳି ପଡିଥିଲେ ଡ଼ମେନ। ଏ ନେଇ ମୃତକଙ୍କ ପୁତୁରା ଜୟସିଂ ମାଝି କକାଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଥୁଆମୂଳ ରାମପୁର ଥାନା ଅଧିକାରୀ ଗୋବିନ୍ଦ ମାଝି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।



### ପ୍ରିନ୍ସିପାଲମାନଙ୍କ ତାଲିମ ଶିବିର

**କେସିଙ୍ଗା,୧୦।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ଦ୍ରୋଣାଚାର୍ଯ୍ୟ ସ୍କୁଲ ଅଧକ୍ଷ ଅର୍ଚ୍ଚନା ଅଗ୍ରୱାଲଙ୍କ ନେତୃତ୍ୱରେ ମଙ୍ଗଳବାର ଜିଲାର ପ୍ରିନ୍ସିପାଲମାନଙ୍କୁ ତାଲିମ ଶିବିର ପ୍ରଦାନ କରାଯାଇଛି। ସିବିଏସିଇ ଅନ୍ତର୍ଭୁକ୍ତ ସ୍ୱୀକୃତିପ୍ରାପ୍ତ ଜିଲାର ସମସ୍ତ କେନ୍ଦ୍ରିୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସରକାରୀ ଓ ବେସରକାରୀ ବିଦ୍ୟାଳୟର ସମସ୍ତ ପ୍ରିନ୍ସିପାଲ ଓ ଟେକନିକାଲ କର୍ମଚାରୀମାନଙ୍କୁ ଦ୍ରୋଣାଚାର୍ଯ୍ୟ ସ୍କୁଲ ଅଧକ୍ଷ୍ୟା ଅର୍ଚ୍ଚନା ଅଗ୍ରୱାଲ ଏକ ଲେନ ଦେନ ଅନଲାଇନ ମାଧମରେ କେମିତି କରାଯିବ ତାହା ଉପରେ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରିନ୍ସିପାଲ ସୁଜିତ ରାୟ ମାନଚାଷୀ ନ ଥିଲେ। ଦ୍ରୋଣାଚାର୍ଯ୍ୟ ସ୍କୁଲ ଭାଇସ ପ୍ରିନ୍ସିପାଲ ପଦ୍ମନାଭ ପାଠୀ ମଞ୍ଚ ପରିଚାଳନା କରିଥିଲେ।

### ଜୟପାଟଣାରେ କଳାହାଣ୍ଡି ବିକାଶ ପରିଷଦର କ୍ରାନ୍ତିଯାତ୍ରା

**ଭବାନୀପାଟଣା,୧୦।୧(ସ୍ୱ.ପ୍ର.):** କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ କ୍ରାନ୍ତିଯାତ୍ରା ଗତ ଡିସେମ୍ବର ୩୦ ତାରିଖରୁ ଭବାନୀପାଟଣାଠାରୁ ଆରମ୍ଭ ହୋଇଛି। ଏହି ପରିପେକ୍ଷୀରେ ମଙ୍ଗଳବାର ଜୟପାଟଣା ଶିଶୁମନ୍ଦିରଠାରୁ ବ୍ଲକ ପର୍ଯ୍ୟନ୍ତ କ୍ରାନ୍ତିଯାତ୍ରା ହୋଇଥିଲା। କ୍ରାନ୍ତିଯାତ୍ରା କଳାହାଣ୍ଡି ବିକାଶ ପରିଷଦ ଅଧକ୍ଷା ଡା ସୁନିତୀ ମୁଣ୍ଡଙ୍କ ନେତୃତ୍ୱରେ ହୋଇଥିଲା। ଏଥିରେ ଜୟପାଟଣା ବ୍ଲକର ସୁଦର୍ଶନ ଦାସ, ମୀନା ମୁଣ୍ଡ, ରାଧାମୋହନ ପାଢ଼ୀ, ଭାସ୍କର ବେହେରା, ଶେଷ ବେହେରା, ଦିବାକର ପଟନାୟକ, ଥବିର ବାଗ ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡି ଓ ନୂଆପଡା ଜିଲାର ୧୮ଟି ବ୍ଲକର ଜନସାଧାରଣଙ୍କୁ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ପ୍ରତି ସଚେତନ କରି ଆସନ୍ତା ୨୩ ତାରିଖରେ ଉଦ୍‌ଯାପିତ ହେବ ବୋଲି ସୂଚନା ମିଳିଛି।

### ବିଦ୍ୟାଳୟସ୍ତରୀୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା

**ନୂଆପଡ଼ା ଅଫିସ,୧୦।୧:** ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟରେ ବିଶ୍ୱକପ ହକି ଉପଲକ୍ଷେ ବିଦ୍ୟାଳୟ ସମୁହ ଅନ୍ତଃ ବ୍ଲକ ଖୋକୋ, କବାଡି, ଭଲିବଲ, ତୀରନ୍ଦାଜ ପ୍ରତିଯୋଗିତା ଆରମ୍ଭ ହୋଇଛି। ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତା ଉଦଘାଟନ କରିଛନ୍ତି। ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳିକା, ବାଳକ ଓ ୧୬ବର୍ଷରୁ କମ ବାଳିକା, ବାଳକ ୪ଟି ବର୍ଗରେ ଜିଲାର ୫ଟି ବ୍ଲକ ନୂଆପଡା, କୋମନା, ଖଡିଆଳ, ସିନାପାଲି, ବୋଡେନର ଖେଳାଳିମାନେ ଅଂଶ ଗ୍ରହଣ କରିଥିଲେ। ଜିଲା କ୍ରୀଡା ନିରୀକ୍ଷକ ମହେଶ କୁମାର ଦଣ୍ଡସେନାଙ୍କ କହିବା ମୁତାବକ ଏହି ପ୍ରତିଯୋଗିତା ପ୍ରଥମେ ବ୍ଲକସ୍ତରରେ ଆୟୋଜନ କରାଯାଇଥିଲା। ସେଥିରୁ ପ୍ରତି ବ୍ଲକ ଦଳ ଗଠନ କରାଯାଇ ବର୍ତ୍ତମାନ ସମୟରେ ଅନ୍ତଃ ବ୍ଲକ ପ୍ରତିଯୋଗିତା କରାଯାଇ ଜିଲା ଦଳ ଗଠନ କରାଯିବ। ସେହି ଦଳ ରାଜ୍ୟସ୍ତରରେ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତା ୨ ଦିନ ଧରି ଚାଲିବ ବୋଲି ଜଣାଇଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ, ଧାରଣା

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର
- ଓବିସିବର୍ଗଙ୍କୁ ୨୭% ଆରକ୍ଷଣ ଦାବିକଲା ଜିଲା ଓବିସି ମଞ୍ଚ

**ନୂଆପଡ଼ା ଅଫିସ,୧୦।୧**

ରାଜ୍ୟ ସରକାର ଓବିସିବର୍ଗଙ୍କୁ ଶୂନ ଆରକ୍ଷଣ ଦେବା ବିରୋଧ ଏବଂ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଅନ୍ୟୁନ ୨୭% ଆରକ୍ଷଣ ଦେବା ଦାବିରେ ମଙ୍ଗଳବାର ନୂଆପଡା ଓବିସି ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣା ଦିଆଯାଇଛି। ନୂଆପଡା ଓବିସି ମଞ୍ଚ ଆବାହକ କପିଳେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ପଡିଆରୁ ଏକ ଶୋଭାଯାତ୍ରା ବାହାରି ସରକାର ବିରୋଧୀ ନାରାବାଜି କରି ସହର ପରିକ୍ରମା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ଧାରଣାରେ ବସିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ଓବିସି ମଞ୍ଚ ବାରମ୍ବାର ଓବିସିବର୍ଗଙ୍କ ପାଇଁ ଅଲଗା ସମାନୁପାତିକ ସଂରକ୍ଷଣ ବ୍ୟବସ୍ଥା କରିବାକୁ କହି ଆସୁଥିଲେ ହେଁ ସରକାର ଶୁଣୁନାହାନ୍ତି। ୫୨% ଜନସଂଖ୍ୟା ବିଶିଷ୍ଟ ଓବିସି ବର୍ଗକୁ ତାଙ୍କର ସମ୍ବିଧାନିକ ଅଧିକାରରୁ ବଞ୍ଚିତ କରୁଛନ୍ତି। କେନ୍ଦ୍ର ତଥା ଅନ୍ୟ ରାଜ୍ୟ ସରକାର ଓବିସିବର୍ଗଙ୍କୁ ୨୭% ଆରକ୍ଷଣ ପ୍ରଦାନ କରୁଥିବା ସ୍ଥଳେ ରାଜ୍ୟ ସରକାର ଓବିସିଙ୍କୁ ଶୂନ ଆରକ୍ଷଣ ଦେଉଛନ୍ତି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ରାଜ୍ୟ ସରକାର ଓବିସି ବର୍ଗଙ୍କୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରୁଛନ୍ତି। ଏହା ପୋଲିସ କନଷ୍ଟେବଲ ନିଯୁକ୍ତିରୁ ସ୍ପଷ୍ଟ ଜଣାପଡୁଛି। ସର୍ବମୋଟ ୪୭୯୦ଟି କନଷ୍ଟେବଲ ପଦବୀରୁ ଓବିସି ୧୯୩୧ ଜାତି ଜନଗଣନା ଅନୁସାରେ ୫୨ ହିସାବରେ ୨୪୯ଟି ପୋଷ୍ଟ ପାଇବା ଉଚିତ। କେନ୍ଦ୍ର ସରକାରଙ୍କ ଅନୁମୋଦିତ ୨୭% ହିସାବରେ ଓବିସି ଅଲଗା ୧୨୯୩ଟି ପୋଷ୍ଟ ପାଇବା କଥା। କିନ୍ତୁ ଓବିସିଙ୍କୁ ସାମାଜିକ ନ୍ୟାୟରୁ ବାରମ୍ବାର ବଞ୍ଚିତ କରୁଥିବାରୁ ଜିଲା ଓବିସି ମଞ୍ଚ କ୍ଷୋଭ ପ୍ରକାଶ କରିଛି। ରାଜ୍ୟରେ ଓବିସିଙ୍କ ଜାତି ଜନଗଣନା କରାଯାଉ, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଓବିସିଙ୍କୁ ୨୭% ସଂରକ୍ଷଣ ବ୍ୟବସ୍ଥା ପ୍ରଚଳନ, ଏସଇବିସି ବଦଳରେ ଓବିସି ତାଲିକା ପ୍ରଚଳନ କରାଯାଉ ବୋଲି ଦାବି କରିଛନ୍ତି। ରାଜ୍ୟ ସରକାର ଏହି ନିୟମ ଶୀଘ୍ର ଲାଗୁ ନ କଲେ ଆଗାମୀ ଦିନରେ ଅନ୍ଦୋଳନତ୍ମାକ ପନ୍ଥା ଅବଲମ୍ବନ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଆନ୍ଦୋଳରେ ସରୋଜ କୁମାର ସାହୁ, ଭରତ ଲାଲ ରାଉତ, ଧନୀରାମ ସାହୁ, ଲାଲା ସାହୁ, ମନୁ ଚନ୍ଦ୍ରକାର, ସଦାଶିବ ବେହେରା, ବୃନ୍ଦାବନ ବାଗ, ହିରାଧର ମେହେର, ନିଲକମଲ ଚନ୍ଦ୍ରକାର, ଯୋଗେନ୍ଦ୍ର ବାଗ ପ୍ରମୁଖ ସାମିଲ ହୋଇଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

# ସିନାପାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସିନାପାଲି,୧୦।୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁଣ୍ଡରୀକାକ୍ଷ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ବିସର୍ବେଶ୍ୱର ଜାଲ, ଭାରାପ୍ରାପ୍ତ ବିଇଓ ରୁଦ୍ରେଶ୍ୱର ମେହେର ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ଉତ୍ତମ ଚରିତ୍ର ନିର୍ମାଣ ପ୍ରତି ଯତ୍ନବାନ ହେଲେ ସମାଜରେ ସୁସ୍ଥ ବାତାବରଣ ତିଆରି ହୋଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଶିକ୍ଷକ ମନୋରଞ୍ଜନ ମେହେର ସ୍ୱାଗତ କରିଥିବା ବେଳେ ନିକୁଞ୍ଜ ବିହାରୀ ସା ଏବଂ ବଂଶୀଧର ଜଗତଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନବନିର୍ମିତ ଅଶୋକ ସ୍ତମ୍ଭ ଅତିଥିମାନେ ଲୋକାର୍ପଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହାକୁ ଶିକ୍ଷୟିତ୍ରୀ ରଶ୍ମିପ୍ରଭା ମେହେର ଓ ଶିକ୍ଷକ ତ୍ରିଲୋଚନ ଡାଙ୍ଗ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନିଲ କୁମାର ସା, ମହେଶ କୁମାର ମେହେର, କମଳଜିତ୍ ବୈକାର, ଦୀପକ ସା, ଅଜିତ ମେହେର, ସୂର୍ଯ୍ୟରୂପା ଯୋଷୀ, ପ୍ରତିଶ୍ୱରୀ ପାତ୍ର ପ୍ରମୁଖଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ମୁବାରକ ଖାନ ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

**ଭବାନୀପାଟଣା,୧୦।୧(ସ୍ୱ.ପ୍ର.)**

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧକ୍ଷତା କରିଥିଲେ। ଏନ୍‌ଏଚ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମିତ ଟୁଡୁ ଏଜେଣ୍ଡା ଅନୁଯାଇ ବ୍ଲାକସ୍ପଟ, ରାସ୍ତା ଅବରୋଧ, ରାସ୍ତା ମରାମତି, ଚଢ଼ାଉ, ଅବକାରୀ, ଜରୁରୀକାଳୀନ ଯତ୍ନ, ସଚେତନତା ଉପରେ ନିଆଯାଇଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ବର୍ତ୍ତମାନ ଜିଲାରେ କୌଣସି ବ୍ଲାକସ୍ପଟ ନାହିଁ, ତଥାପି ଦୁର୍ଘଟଣା ଘଟୁଛି। ଯେଉଁ ରାସ୍ତାରେ ନିରାପତ୍ତା ସାଇନ ବୋର୍ଡ, ସତର୍କତା ବାର୍ତ୍ତା, ରମ୍ବଲରସ ନାହିଁ ତାହା ଲଗାଇ ଶୀଘ୍ର ପଦକ୍ଷେପ ନେବାକୁ ଆରଡି ଏବଂ ଆର୍‌ବି ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜୁନାଗଡ ଏବଂ କେସିଙ୍ଗା ମଧ୍ୟରେ ଅର୍ଦ୍ଧାଧିକ ଦୁର୍ଘଟଣା ଯୋଗୁ ମୃତ୍ୟୁ ଘଟୁଛି, ଏହାକୁ ଚାରିଥାକିଆ ରାସ୍ତା କରିବା ପାଇଁ ପ୍ରସ୍ତାବ ସହ ଆବଶ୍ୟକ ପଦକ୍ଷେପ ନେବାକୁ ଏନ୍‌ଏଚ୍ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଦୟନୀୟ ଅବସ୍ଥାରେ ଥିବା ଆର୍‌ଡି ରାସ୍ତା ଶୀଘ୍ର ଚିହ୍ନଟ କରି ମରାମତି କରିବାକୁ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ କହିଥିଲେ। ଜୁନାଗଡ ଓ କେସିଙ୍ଗା ମଧ୍ୟରେ ଟ୍ରକ ଟର୍ମିନାଲ ବ୍ୟବସ୍ଥା ପାଇଁ ଦୁଇଟି ଜାଗା ଚିହ୍ନଟ ପାଇଁ ଆର୍‌ଟିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଆର୍‌ଟିଓ ଏବଂ ପୋଲିସ ଦ୍ୱାରା ଦ୍ରୁତଗାଡ଼ି ଚାଳନା, ବିନା ହେଲମେଟ ଓ ସିଟବେଲ୍ଟ, ମଦ୍ୟପାନ କରି ଗାଡ଼ିଚାଳନା, ମୋବାଇଲରେ କଥାହୋଇ ଗାଡ଼ି ଚାଳନା, ଅଧିକ ଓଜନ, ସିଗ୍ନାଲ ଜମ୍ପିଂ ଭଳି ଅପରାଧ ପାଇଁ ୫୮୮ଜଣଙ୍କ ଲାଇସେନ୍ସ ନିଲମ୍ବନ କରାଯାଇଛି। ଜିଲାରେ ୨୦୨୨ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ୧୪୬ଟି ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ବୈଠକରେ ଅତିରିକ୍ତ ଏସପି ବିଜୟ କୁମାର ନନ୍ଦ, ଅଜିତ ବାବୁ, ରାକେଶ ସାହୁ, ବିଶ୍ୱଜିତ୍ ରାୟଗୁରୁ, ବଳୟ ଦେହୁରୀ, ଡିଆଇପିଆର୍‌ଓ ମନୋଜ ବେହେରା, ଓଏସଆର୍‌ଟିସି ମ୍ୟାନେଜର ପିକେ ଜେନା, ଶାନ୍ତନୁ ବେହେରା, ଅବକାରି ଅଧିକାରୀ ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

# ମାନିଗୁଡ଼ାକୁ ହରାଇ ଜୁନାନୀ ଚାମ୍ପିୟନ

**ରୋୟଲ କପ୍ କ୍ରିକେଟ**

**ନୂଆପଡ଼ା ଅଫିସ,୧୦।୧**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମାନିଗୁଡା ପଞ୍ଚାୟତ ଗନିଆରି ଖେଳ ପଡିଆରେ ରୋୟଲ କ୍ଲବ ଦ୍ୱାରା ଆୟୋଜିତ ୧୬ତମ ରୋୟଲ କପ କ୍ରିକେଟ ଚାମ୍ପିୟନଶିପ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମାନିଗୁଡା ଦଳକୁ ହରାଇ ଜୁନାନୀ ଦଳ ଚାମ୍ପିୟନ ହୋଇଛି। ମାନିଗୁଡା ଟସଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା। ଜବାବରେ ଜୁନାନୀ ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୬୩ ରନ କରି ବିଜୟୀ ହୋଇଥିଲେ। ଚାମ୍ପିୟନ ଦଳକୁ ନଗଦ ୧୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅଫ ଦଳକୁ ନଗଦ ୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ସିରିଜ ଓ ମ୍ୟାଚ ଜୁନାନୀ ଦଳର ସାଗର ହଂସଙ୍କୁ ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢ଼ୀ ମୁଖ୍ୟଅତିଥି, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ନେହେରୁ ଯୁବ କେନ୍ଦ୍ର ନୂଆପଡା ଯୁବ ଅଧିକାରୀ ଆଶିଷ କୁମାର ଠାକୁର, ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ, ଦେବୀଲାଲ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍କୋର ଦାୟିତ୍ୱରେ ରାମେଶ୍ୱର ନାଗ ଥିବା ବେଳେ ଅମିତ ହଂସ ଧାରା ବିବରଣୀ ଶୁଣାଉଥିଲେ। ମୋହନ ହଂସ ଓ ଥବିର ହଂସ ଖେଳ ପରିଚାଳନା କରିଥିଲେ। ଥୟରାମ ହଂସ, ଟିକେଶ୍ୱର ହଂସ, ସହଦେବ ଥପା, ଲାଲୁ ନିଆଳ, ରମେଶ ନାଗ, ଦୀପକ ବାଗ, କୈସପ ଶଗରିଆ,ଯଶୋବନ୍ତ ହଂସ,ଗଣେଶ ହୋତା, ରୁଦ୍ର ହଂସ ପ୍ରମୁଖ ସହଯୋଗ କରିଥିଲେ।

# ଜିଲାପାଳଙ୍କୁ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆର୍‌ସି

**ଖଟିଆରେ ଗର୍ଭବତୀ ବୁହା ହେବା ଘଟଣା**

**ଭବାନୀପାଟଣା,୧୦।୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ଜଣେ ଗର୍ଭବତୀ ମହିଳାଙ୍କୁ ଗ୍ରାମବାସୀ ଖଟିଆରେ ବୋହି ଆଣିବା ଘଟଣାରେ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ହସ୍ତକ୍ଷେପ କରିଛନ୍ତି। ଏହି ଘଟଣାରେ କଳାହାଣ୍ଡି ଜିଲାପାଳଙ୍କୁ କମିଶନ ନୋଟିସ ଜାରି କରିଛନ୍ତି। ପ୍ରକାଶ ଯେ, ଥୁଆମୂଳ ରାମପୁର ବ୍ଲକ ଖମନପଡାକୁ ଆମ୍ବୁଲାନ୍ସ ଯାଇ ପାରୁ ନ ଥିବାରୁ ଗାଁର ପବିତ୍ର ଗୌଡଙ୍କ ସ୍ତ୍ରୀ ଦୌପଦୀ ଗୌଡଙ୍କୁ ସମ୍ପର୍କୀୟ ଖଟିଆରେ ୫ କିଲୋମିଟର ବୋହି ମୁଖ୍ୟ ରାସ୍ତାକୁ ଆଣିଥିଲେ। ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଗତ ଡିସେମ୍ବର ୩୦ ତାରିଖର ଏହି ଅଭାବନୀୟ ଘଟଣାକୁ ନେଇ ମାନବିକ ଅଧିକାର କର୍ମୀ ଅଖଣ୍ଡ ଜାତୀୟ ମାନବିକ ଅଧିକାର କମିଶନରେ ପିଟିସନ ଦାଖଲ କରିଥିଲେ। ସେ ଦର୍ଶାଇଥିଲେ ସେହି ଗାଁକୁ ରାସ୍ତା ନ ଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଥିଲା। ଗାଁ ଲୋକେ ଗର୍ଭବତୀଙ୍କୁ ଖଟିଆରେ ଧରି ଦୁଇଟି ନଦୀ ପାର କରି ୫ କିଲୋମିଟର ଚାଲି ଚାଲି ଆମ୍ବୁଲାନ୍ସ ନିକଟରେ ପହଞ୍ଚିଥିଲେ। ସରକାର ରାଜ୍ୟରେ ବିକାଶକୁ ନେଇ ବାଃ ବାଃ ନେଉଥିବା ବେଳେ ଏଭଳି ଘଟଣା ସରକାରଙ୍କ ଅସଲ ଚେହେରାକୁ ଦର୍ଶାଉଛି ବୋଲି ଅଖଣ୍ଡ ଅଭିଯୋଗ କରିଛନ୍ତି। ଘଟଣାକୁ ଅତି ଗୁରୁତ୍ୱର ସହ ନେଇ କମିଶନ କଳାହାଣ୍ଡି ଜିଲାପାଳଙ୍କଠାରୁ ଘଟଣା ଉପରେ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ଆକ୍ସନ ଟେକେନ ରିପୋର୍ଟ(ଏଟିଆର୍) ଦାଖଲ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କମିଶନ ନିଜ ଟିମ ପଠାଇ ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ସ୍ଥିତି ପରଖିବା ଲାଗି ପିଟିସନକାରୀ ନିବେଦନ କରିଛନ୍ତି।

# ଖଡ଼ିଆଳରେ ବିଜେଡିର ପ୍ରତିଷ୍ଠା ଦିବସ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଖଡ଼ିଆଳ,୧୦।୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳସ୍ଥିତ ଅଗ୍ରସେନ ଭବନଠାରେ ବିଜୁଜନତା ଦଳର ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦଳର ଜିଲା ସାଧାରଣ ସମ୍ପାଦକ ଲମୋଧର ନିଆଳଙ୍କ ଅଧକ୍ଷତାରେ ମନ୍ତ୍ରୀ ଟୁକୁନି ସାହୁ, ମନ୍ତ୍ରୀ ରାଜେନ୍ଦ୍ର ଡୋଲକିଆ, ଜିଲା ସଭାପତି ମନୋଜ କୁମାର ମିଶ୍ର, ଜିଲା ପରିଷଦ ଅଧକ୍ଷା ଡଲୀ ମାଝି, ହରେକୃଷ୍ଣ ଷଡଙ୍ଗୀ ପ୍ରମୁଖ ଯୋଗ ଦଳର ବିଭିନ୍ନ ଜନହିତକର ଯୋଜନାଗୁଡିକ ଉପରେ ଆଲୋକପାତ କରିଥିଲେ। ଦଳକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ଆହ୍ୱାନ କରାଯାଇଥିଲା। ଖଡିଆଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖଡିଆଳ, ବୋଡେନ ଏବଂ ସିନାପାଲି ବ୍ଲକରୁ ଦଳୀୟ ଜନପ୍ରତିନିଧିଙ୍କ ସମେତ ଦଳୀୟ ନେତୃବର୍ଗ ଏବଂ ଶତାଧିକ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିରେ ବିଜେଡି ଜିଲା ପରିଷଦ ଉପଧକ୍ଷା ଦୀପିକା ଦୀପ, ମହିଳା ସଭାନେତ୍ରୀ ସର ସାତୀ ବାଗ, ପୁଷ୍ପାଞ୍ଜଳି ପାଣ୍ଡେ, ମନ୍ଦାକିନି ବଘେଲ, ବୈଷମ ପାୟମ ମେହେର, ୟାସିନ ମହମ୍ମଦ, ଜିଲ୍ଲା ପରିଷଦ ସଭ୍ୟ ଚିତରଞ୍ଜନ ବେହେରା ଜିଲା ଯୁବ ସଭାପତି ହରିଶ ଚନ୍ଦ୍ର ପଣ୍ଡା, ସୁଚିସ୍ମିତା ମହାରଣା, ସୁବେର ସିଂଦେଓ, ଚନ୍ଦନ ସାହୁ, ସୁନିଲ କୁମାର ମାଝି, ଅବନୀ ରଞ୍ଜନ ଯୋଶୀ ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ଖଡ଼ିଆଳ ନଗର ସଭାପତି ଦୀପକ ଖମାରୀ ଦେଇଥିଲେ।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ନୂଆପଡ଼ା ଅଫିସ,୧୦।୧**

ଜିଲାପାଳଙ୍କ ସଦଭାବନା ସଭାଗୃହରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକରେ ସଦର ତହସିଲଦାର ଦେବେନ୍ଦ୍ର ରାଉତ, ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମହମ୍ମଦ ଆଦାମ, ଏଡିଏମଓ (ପିଏଚ) ଗୋପାଳ ମଲ୍ଲିକ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନ କୁମାରୀ ଲମ୍ଭୁ, ଜିଲା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ ପ୍ରମୁଖଙ୍କ ସହ ଜିଲାସ୍ତରୀୟ ଅଧିକାରୀ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଶିକ୍ଷକ, ବେସରକାରୀ ଅନୁଷ୍ଠାନର ପଦାଧିକାରୀମାନେ ଉପସ୍ଥିତ ଥିଲେ। କରୋନା କାରଣରୁ ଗତ ସାଧାରଣତନ୍ତ୍ର ଦିବସ ଜନସାଧାରଣଙ୍କ ବିନା ପାଳନ କରାଯାଇଥିଲା। ଏହିପରି ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ମଧ୍ୟ ଅଂଶ ଗ୍ରହଣ କରି ନ ଥିଲେ। ଚଳିତବର୍ଷ କରୋନା କଟକଣା ନ ଥିବାରୁ ପୂର୍ବବର୍ଷ ପରି ଚଳିତବର୍ଷ ମଧ୍ୟ ଏହି ପର୍ବକୁ ହର୍ଷଉଲ୍ଲାସର ସହିତ ପାଳନ କରିବା ନେଇ ନିଷ୍ପତ୍ତି ନିଆଯାଇଛି। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବରିଷ୍ଠ ସହାୟକ ବିଭୁଦତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

**କେସିଙ୍ଗା,୧୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ପକ୍ଷରୁ କଳାହାଣ୍ଡି ଉତ୍ସବ ଘୁମୁରା ମହାସମାରୋହରେ ମଙ୍ଗଳବାର ପାଳିତ ହୋଇଯାଇଛି। ସକାଳେ ବୁଢ଼ାଡଙ୍ଗର ମନ୍ଦିରରୁ ବିରାଟ ଏକ ମଶାଲ ଯାତ୍ରା ବାହାରିଥିଲା। କେସିଙ୍ଗା ବିଦ୍ୟାପୀଠ ଖେଳ ପଡ଼ିଆରେ ନିର୍ମାଣ ହୋଇଥିବା ମଞ୍ଚରେ ମାଶାଲ ସ୍ଥାପନ କରାଯାଇଥିଲା। ଏନ୍‌ଏସି ଅଧକ୍ଷ ନୃପରାଜ ଯାଦବ, ନିର୍ବାହୀ ଅଧିକାରିଣୀ କିରଣ ବେହେରା, ଉପାଧାକ୍ଷା ସରସ୍ୱତୀ ସାହା, ବିଜେଡି ଟାଉନ ସଭାପତି ରମେଶ ପଟ୍ଟନାୟକ, ଭବାନୀ ଶଙ୍କର ନିଆଲ, ଶିଲୁ ପରିଡା ସମେତ ସମସ୍ତ କାଉନସିଲର ବୁଢ଼ାଡଙ୍ଗର ମନ୍ଦିରରେ ପୂଜାର୍ଚ୍ଚନା କରି ମଶାଲକୁ ବିଭିନ୍ନ ବାଜା ବଜାଇ ମଞ୍ଚକୁ ନେଇଥିଲେ। ପୂର୍ବାହ୍ନ ୧୦ଘଣ୍ଟାଠାରୁ ମହିଳାମାନଙ୍କ ମେହେନ୍ଦୀ, ଝୋଟି, ହୁଳହୁଳି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କେସିଙ୍ଗା ସହର ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଭଲିବଲ ପ୍ରତିଯୋଗିତା ହୋଇଥିଲା। ଏହି ଉପଲକ୍ଷେ ମହିଳା ଗ୍ରୁପ ମାନନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲ ଲଗା ଯାଇଥିଲା।



ମଶାଲକୁ ଅତିଥିମାନେ ସ୍ୱାଗତ କରୁଛନ୍ତି।

# ଢାପ୍ପ ନୃତ୍ୟରେ ଦୁଲୁକିଲା କାର୍ଜି ମାଝି ମଞ୍ଚ

**ଲାଞ୍ଜିଗଡ଼,୧୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଖେଳପଡିଆ କାର୍ଜି ମାଝି ମଞ୍ଚରେ ମଙ୍ଗଳବାର ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଳିତ ହେଇଯାଇଛି। ବ୍ଲକ ଅଧକ୍ଷା କମଳା ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବ୍ଲକସ୍ତରୀୟ ଘୁମୁରରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ପୂର୍ବତନ ବିଧାୟକ ଶିବାଜୀ ମାଝି, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଜୋନ-୧ ଅଞ୍ଜଳି ମାଝି, ବ୍ଲକ ଉପାଦକ୍ଷ ସଞ୍ଜୀବ କୁମାର ନାୟକ, ଲାଞ୍ଜିଗଡ଼ ବିଧାୟକ ପ୍ରତିନିଧି ପ୍ରଦୀପ ଘଡ଼େଇ, ବିଶ୍ୱନାଥପୁର ଥାନାଧିକାରୀ ରୁନୁ କୁମାରୀ ମାଝି, ଏମ୍‌ପି ପ୍ରତିନିଧି ଲକ୍ଷ୍ମୀଧର ସନ୍ତୋଷ ରାଏ, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଦସ୍ୟ ଶ୍ରୀଧର ପେଶନିଆ, ବ୍ଲକ ପୂର୍ବତନ ଅଧକ୍ଷ ମନହର ହରପାଲ, ବ୍ଲକ ସରପଞ୍ଚ ସଂଘ ସଭାପତି ସାଣ୍ଡରୁ ମାଝି, ପୂର୍ବତନ ସରପଞ୍ଚ ଚନ୍ଦ୍ର ପେଶନିଆ, ବ୍ଲକ ସମିତି ସଂଘ ସଭାପତି ଜଗଦୀଶ ବେନିଆ, ବ୍ଲକ କଂଗ୍ରେସ ସଭାପତି ହରିହର କୁମାର, ସମାଜସେବୀ ହରିଶଙ୍କର ପାତ୍ର, ବିଶ୍ୱନାଥପୁର ପୂର୍ବତନ ସରପଞ୍ଚ ଅନନ୍ତରାମ ପ୍ରଧାନୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଗୋପାଳ ଦାସ ମହାନନ୍ଦ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ନିୟମଗିରି ପାହାଡ ପାଦଦେଶରେ ଥିବା ତ୍ରିଲୋଚନପୁର ପଞ୍ଚାୟତ ଝରଣିଆ କୁଟିଆ କନ୍ଧଙ୍କ ଢାପ୍ପ ନୃତ୍ୟରେ କାର୍ଜି ମାଝି ମଞ୍ଚ ଦୁଲୁକିଥିଲା। ବିଭିନ୍ନ ବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲେ। ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ଭାବେ ପରିଚିତ ହୋଇଥିଲେ ମଧ୍ୟ ଆଦିବାସୀଙ୍କୁ ନେଇ ପାଳନ କରାଯାଇଥିବା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସର ମଞ୍ଚକୁ କାର୍ଜି ମାଝିଙ୍କ ମଞ୍ଚ ଭାବେ ପ୍ରସ୍ତୁତ କରାଯାଇଥିଲା। ଅନ୍ୟପକ୍ଷରେ ବ୍ଲକର ୨୬ଟି ପଞ୍ଚାୟତ ବହୁ ଲୋକ ଯୋଗଦେଇଥିବା ବେଳେ ସେମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ହୋଇଥିଲା।



ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୧ ଜାନୁୟାରୀ, ୨୦୨୩



**ଭାଜପାର ବୁଥ ସଶକ୍ତୀକରଣ କାର୍ଯ୍ୟକ୍ରମ**

ଟିଟିଲାଗଡ,(ଡି.ଏନ.ଏ.):ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁରସୁଡ଼ ଭାଜପା ମଣ୍ଡଳର ବୁଥ ସଶକ୍ତିକରଣ କାର୍ଯ୍ୟକ୍ରମ ମଣ୍ଡଳ ସଭାପତି ନିମାଇଁ ଚରଣ ବେହେରାଙ୍କ ସଭାପତିତ୍ୱରେ ଇଚଗାଁ ଦ୍ୱାରସେନ୍ନୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ଏମ୍ପି ସୁରେଶ ପୂଜାରି, ବଲାଙ୍ଗୀର ଏମ୍ପି ସଙ୍ଗୀତା କୁମାରୀ ସିଂଦେଓ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ସାଧାରଣ ସମ୍ପାଦକ ମୁକେଶ ଜୈନ, ପ୍ରଭାରୀ ବିପିନ ଠାକୁର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଆଶିଷ ସାହୁ, ରାଜୁ ଦାଶ, ବିଦୁର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସଂଗଠନକୁ ମଜଭୁତ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦିଆଯାଇଥିଲା।

## ସଂକ୍ଷେପରେ

### କଣ୍ଟାବାଞ୍ଜିକୁ ହରାଇ ରାଜା ଫାଇଟର ବିଜୟୀ

**ଅଭିମନ୍ୟୁ ସାହୁ ମେମୋରିଆଲ ଫୁଟବଲ**

ଗୁଡ଼ଭେଲା,୧୦।୧(ଡି.ଏନ.ଏ.): ବଲାଙ୍ଗୀର ଜିଲ ତୁଷୁରା ସହର ସ୍ଥିତ ମିନିଷ୍ଟାଡିୟମରେ ମଙ୍ଗଳବାର ଅଭିମନ୍ୟୁ ସାହୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟକୁ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତୁଷୁରା ଥାନାଧିକାରୀ ସଞ୍ଜୀବ ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଖେଳ ରାଜା ଫାଇଟର ଓ କଣ୍ଟାବାଞ୍ଜି ମଧ୍ୟରେ ହୋଇଥିଲା। ପେନାଲଟି ସୁଟ୍ ଆଉଟ୍‌ରେ ୫-୪ ଗୋଲରେ ରାଜା ଫାଇଟର ବିଜୟୀ ହୋଇଥିଲା। ହାଡୁ ନାୟକଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପ୍ରଦାନ କରାଯାଇଥିଲା। ରାୟଗଡା ଓ ବିଏମପୁର ମଧ୍ୟରେ ବୁଧବାର ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସଭାପତି ତଥା ତୁଷୁରା ଏନଏସି ଅଧକ୍ଷ ଅଜୟ କୁମାର ଜୟଶ୍ୱାଲ ପ୍ରକାଶ କରିଛନ୍ତି।

### ବିଡିଓଙ୍କ ନିକଟରେ ପ୍ରତିବାଦ କଲେ କଳାକାର

ଲୋଇସିଂହା,୧୦।୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକସ୍ତରୀୟ ଲୋକ ଉତ୍ସବ ସ୍ଥାନୀୟ ବ୍ଲକ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ୨୦ଟି ପଞ୍ଚାୟତର କଳାକାର ଓ ଦର୍ଶକଙ୍କ ଭିଡ ଜମିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ କଳାକାର ଓ ଦର୍ଶକଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥା କରାଯାଇଥିଲା। ହେଲେ ସୁବ୍ୟବସ୍ଥିତ ହୋଇନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ କଳାକାର ଓ ଦର୍ଶକମାନେ ଖାଇବା ପତ୍ର ଧରି ବିଡିଓ ଶଙ୍କର କେରକେଟାଙ୍କ ଦପ୍ତରକୁ ଯାଇ ପ୍ରତିବାଦ କରିଥିଲେ।

### ଟିଟିଲାଗଡ଼ ଲୋକ ଉତ୍ସବରେ ୪୦ଦଳ

ଟିଟିଲାଗଡ,୧୦।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ପରିସରରେ ଆୟୋଜିତ ଲୋକଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ସଂଯୁକ୍ତା ନାୟକ ମୁଖ୍ୟଅତିଥି, ବିଡିଓ ନବୀନ ଚନ୍ଦ୍ରନାୟକ, ଉପାଧ୍ୟକ୍ଷ ଜଗତରାମ ରଣା, ଏବିଡ଼ିଓ ମେନକା ମେହେର, ଜିଲା ପରିଷଦ ସଭ୍ୟା ଗୀତା ବିଶି, ଟିକି ପୋଡ଼, ସଞ୍ଜୟ ବେହେରା, ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ଉପସଭାପତି ନରେଶ ଅଗ୍ରୱାଲ, ପୂର୍ବତନ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ଲୁକାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣି ଜିଲା ଓ ରାଜ୍ୟସ୍ତରରେ ପହଞ୍ଚାଇବା ଏହି ଉତ୍ସବ ଆୟୋଜନର ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତ ରଖିଥିଲେ। ଉଦ୍‌ଯାପନୀ ସଭାରେ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି, ଉପଜିଲାପାଳ ଦୟାମୟ ପାଢ଼ୀ ଯୋଗ ଦେଇଥିଲେ। ବ୍ଲକସ୍ତରୀୟ ଲୋକ ଉତ୍ସବରେ ଲୋକଗୀତ,ଲୋକବାଦ୍ୟ, ଲୋକନୃତ୍ୟଓ ଲୋକ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୪୦ଟି ଦଳ ଅଂଶଗ୍ରହଣ କରିଥିଲେ। କଳାକାରଙ୍କୁ ଚୟନ କରିବା ପାଇଁ ଟିଟିଲାଗଡ଼ର ପୁରୁଣା କଳାକାରମାନେ ଚୟନ କର୍ତ୍ତା ଦାୟିତ୍ୱ ନେଇଥିଲେ। ଏହି ଉତ୍ସବରେ ଯେଉଁମାନେ ପ୍ରଥମ ହେବେ ସେମାନେ ଉପଖଣ୍ଡସ୍ତରୀୟ ଲୋକଉତ୍ସବରେ ସାମିଲ ହେବେ ବୋଲି ବିଡିଓ ନାୟକ କହିଛନ୍ତି।

# ଏକତା ବିକାଶର ମୂଳମନ୍ତ୍ର

**ସର୍ବଭାରତୀୟ ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟା**

- ମଞ୍ଚ କଳାକାର କନକ ଦଣ୍ଡସେନାଙ୍କୁ ମଠଖାଇ ସମ୍ମାନ
- ମନମୋହିଲେ ପଞ୍ଚମର କଳାକାର

ବଲାଙ୍ଗୀର ଅଫିସ, ୧୦।୧

ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା। ମହୋତ୍ସବ କମିଟି ଅଧକ୍ଷ ବିଧାୟକ ନରସିଂହ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ତୃତୀୟ ସାନ୍ଧ୍ୟ ସଭାରେ ମୁଖ୍ୟ ଅତିଥି ଭାବେ ଜଳସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ସମ୍ମାନିତ ଅତିଥି ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଲକର ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ସାହୁ ଆୟୋଜକ ମଠଖାଇ ମହୋତ୍ସବ କମିଟି ଏବଂ ଭୂମିକା ପରିବାରକୁ ସାଧୁବାଦ ଜଣାଇ ନାଟକ, କଳା କ୍ଷେତ୍ର ସହ ଜିଲା ସାମଗ୍ରିକ ଉନ୍ନତି ପାଇଁ ଜିଲାବାସୀଙ୍କ ଏକତା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ମଠଖାଇ ମହୋତ୍ସବ ଭଳି ଜାତୀୟସ୍ତରର ପ୍ଲାଟଫର୍ମରେ ଦେଶର ବିଭିନ୍ନ ରାଜ୍ୟର କଳାକାର ଏବଂ କଳା, ସଂସ୍କୃତିର ଆଦାନ ପ୍ରଦାନ ହେଉଛି। ଆମେ ଅନ୍ୟ ରାଜ୍ୟର କଳାସଂସ୍କୃତି



ଲୋକପ୍ରିୟ ମଞ୍ଚ କଳାକାର କନକ ଦଣ୍ଡସେନାଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଉଛି।

ବିଷୟରେ ଜାଣିବା ସହ ଆମ ମାଟିର କଳା ସଂସ୍କୃତିକୁ ଏହାଦ୍ୱାରା ଜାତୀୟ ସ୍ତରକୁ ପହଞ୍ଚାଉଛ ବୋଲି କହିଥିଲେ। ଏହି ଅବସରରେ ପରମ୍ପରାଗତ ନାଟ୍ୟକଳା ସହ ଆଧୁନିକତାର ଫ୍ୟୁଜନ୍ ସଂସ୍କୃତି କିଭଳି ନୂଆ ଆକର୍ଷଣ ସୃଷ୍ଟି କରୁଛି କହିଥିଲେ। ଏସପି କୁଶଲକର ତାଙ୍କ ବକ୍ତବ୍ୟରେ ମଠଖାଇ ମହୋତ୍ସବ ଭଳି ମଞ୍ଚ ସ୍ଥାନୀୟ କଳାକାରଙ୍କୁ ଜାତୀୟ ସ୍ତରୀୟ କଳା ସଂସ୍କୃତି ସହ ପରିଚୟର ଏକ ମାଧ୍ୟମ ବୋଲି କହିଥିଲେ। ସଭାପତୀୟ ଅଭିଭାଷଣରେ ବିଧାୟକ ମିଶ୍ର ମଠଖାଇ ମହୋତ୍ସବର ପରିକଳ୍ପନା ସାଂସ୍କୃତିକ ଏକତା ସହ ସାମାଜିକ ଉନ୍ନତି ଦିଗରେ ଏକ ପ୍ରୟାସ ବୋଲି କହିଥିଲେ। ଏହି ମଞ୍ଚରେ ସଂକୀର୍ଣ୍ଣ ରାଜନୀତିର ଗନ୍ଧ ନାହିଁ। ଏଠାକୁ ସବୁ ରାଜନୈତିକ ଦଳର ନେତା ଆସୁଛନ୍ତି। ଏହା ଆମର ଏକତାକୁ ସୁଦୃଢ଼ କରିବା ସହ ଜିଲାର ଉନ୍ନତିରେ ବିଶେଷ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ବରଗଡ ଜିଲାର ଲୋକପ୍ରିୟ ମଞ୍ଚ କଳାକାର କନକ ଦଣ୍ଡସେନାଙ୍କୁ ଅତିଥିମାନେ ମାନପତ୍ର, ଉପଢ଼ୌକନ ଏବଂ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ସଭାକୁ ସଭାପତି ବୀରେନ୍ଦ୍ର ବନ୍‌ଛୋର ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ନୟନ ମହାନ୍ତି ମଞ୍ଚାସୀନ ଥିଲେ। ସଭା ପୂର୍ବରୁ ସଙ୍ଗୀତ ନୃତ୍ୟ ଅନୁଷ୍ଠାନ ପଞ୍ଚମ ପକ୍ଷରୁ ଗୋଲଡେନ୍ ମେମୋରୀ ଡ୍ୟାନ୍ସ ପରିବେଷଣ କରାଯାଇଥିଲା। ତୃତୀୟ ସନ୍ଧ୍ୟା ମଞ୍ଚକୁ ଓଡିଆ ସିନେ ଅଭିନେତା ଅଜିତ ଦାସଙ୍କୁ ସମର୍ପିତ କରାଯାଇଥିଲା।

# ଗଞ୍ଜେଇ ଜବତ, ଜଣେ ଗିରଫ

ବଘିଆପଡା,୧୦।୧(ଡି.ଏନ.ଏ.)

ବୌଦ୍ଧ ଆଦର୍ଶ ଥାନା ପୋଲିସ ପକ୍ଷରୁ ବଘିଆପଡା ଫାଣ୍ଡି ଅଧୀନ ଝାଙ୍କରପଡା ଗ୍ରାମ ନିକଟରେ ଚଢାଉ କରାଯାଇ ଏକ ବାଇକ ସହ ୨୧ କେଜି ୪ ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ବଘିଆପଡା ପଞ୍ଚାୟତର ବିଷ୍ଣୁଚରଣ ନାୟକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନା ମତେ, ସୋମବାର ରାତିରେ ବୌଦ୍ଧ ଥାନା ଅଧିକାରୀ ମାଧବାନନ୍ଦ ପ୍ରଧାନଙ୍କ ନିର୍ଦ୍ଦେଶରେ ବଘିଆପଡା ଫାଣ୍ଡି ଅଧିକାରୀ ସନାତନ ପ୍ରଧାନଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଖଜୁରୀପଡା-ଝାଙ୍କରପଡା ରାସ୍ତାରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଏକ ବାଇକ୍ (ଓଡି ୩୧ସି-୫୩୪୫)କୁ ସନ୍ଦେହ କରି ଚଢାଉ କରିଥିଲେ। ବାଇକ୍‌ରୁ ଗଞ୍ଜେଇ ଜବତ ହୋଇଥିଲା। ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା ରୁଜୁ ହୋଇଛି।


ଗଞ୍ଜେଇ ସହ ଅଭିଯୁକ୍ତ

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ବାଉଁଶୁଣୀ,୧୦।୧(ଡି.ଏନ.ଏ.)

ବୌଦ୍ଧ ବ୍ଲକ ବାଉଁଶୁଣୀ ହାଇସ୍କୁଲ ଖେଳ ପଡ଼ିଆରେ ବ୍ଲକ ପ୍ରଶାସନ ପକ୍ଷରୁ ଗତ ୪ ତାରିଖରୁ ଆରମ୍ଭ ହୋଇ ୭ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତା ବୌଦ୍ଧ ବିଡିଓ ଅଭିନାଶ ପାଣ୍ଡିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ୪ ଜୋନ ଜିଲା ପରିଷଦ ଇଂ ରାକେଶ କୁମାର ତ୍ରିପାଠୀଙ୍କ ସମେତ ବୌଦ୍ଧ ବ୍ଲକର ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ । କ୍ରୀଡ଼ା ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ କବାଡି ଖେଳରେ ମୂର୍ଚ୍ଛୁଣ୍ଡି ଓ ରକ୍ସା ଦଳ ମଧ୍ୟରୁ ରକ୍ସା ଦଳ ବିଜୟୀ ହୋଇଥିଲା। ଭଲିବଲରେ ଶଗଡା ଓ ତେଲିବନ୍ଧ ମଧ୍ୟରୁ ଶଗଡା ଦଳ ବିଜୟୀ ହୋଇଥିଲେ ଏବଂ ଫୁଟବଲରେ ମନୁପାଲି ଓ ଖୁଣ୍ଟବନ୍ଧ ମଧ୍ୟରୁ ଖୁଣ୍ଟବନ୍ଧ ଦଳ ୨ଟି ଗୋଲ ଦେଇ ବିଜୟୀ ହୋଇଥିଲେ। ସେହିଭଳି ଶେଷ ଦିନ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଥିଲା ମଞ୍ଚ। 'ଗେହ୍ଲାମା' କଳା ନିକେତନ, ପ୍ରଣାମ ଅନୁଷ୍ଠାନ ବୌଦ୍ଧ ସମେତ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ। ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ବହୁ ଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଥିଲା।

# ବଡଲୋକି ଦେଖାଇ ହେଲେ ଶାନ୍ତିଭଙ୍ଗ ହୁଏ

**ମଞ୍ଚସ୍ଥ ହେଲା ଓଡିଆ ନାଟକ ଫୁଲ୍ ଟେନ୍‌ସନ୍**

ବଲାଙ୍ଗୀର ଅଫିସ, ୧୦।୧

ସର୍ବଭାରତୀୟ ବହୁଭାଷୀ ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଭୁବନେଶ୍ୱର ପଞ୍ଚମବେଦ ଅନୁଷ୍ଠାନ ପକ୍ଷରୁ ଆନନ୍ଦ ପହିଙ୍କ ରଚିତ ଏବଂ ନାଟ୍ୟ ନିର୍ଦ୍ଦେଶକ ହରେନ୍ ସାହୁଙ୍କ ନିର୍ଦ୍ଦେଶିତ ଓଡିଆ ନାଟକ ଫୁଲ୍ ଟେନ୍‌ସନ୍ ମଞ୍ଚସ୍ଥ ହୋଇଛି। ନିଜର ବଡପଣିଆ ଜାହିର କରିବାକୁ ଯାଇ ସାମ୍ପ୍ରତିକ ମଣିଷ ଦୁଃଖ-ଆକାଂକ୍ଷା ଓ ନୈରାଶ୍ୟ ମଧ୍ୟରେ କିଭଳି ବ୍ୟଥିତ ଏବଂ ଜର୍ଜରିତ ହେଉଛି ଏହି ନାଟକରେ ପ୍ରତିଫଳିତ ହୋଇଥିଲା। ଈର୍ଷା ଓ ପରଶ୍ରୀକାତରତା କିଭଳି ପରିବାର ଏବଂ ସମାଜ ଭିତରେ ବିଷଜ୍ୱାଳା ଭରିଦେଉଛି ତାହ ନାଟକରେ ଅଭିନେତାମାନେ ନିଖୁଣ ଭାବେ ପରିବେଷଣ କରିଥିଲେ। ବଡଲୋକି ଦେଖାଇ ହେବାର ଅନ୍ଧଦୌଡ ଭିତରେ କିଭଳି ଘର ଭିତରକୁ ଟେନ୍‌ସନ୍ ପଶିଆସି ଘରକୁ ଛାରଖାର କରିଦିଏ ଏହା ନାଟକରେ ପ୍ରଦର୍ଶିତ ହୋଇଛି। ନର୍ମଦା ନାମ୍ନୀ ଜଣେ ସ୍ତ୍ରୀଙ୍କ ଏଭଳି ବଡଲୋକି ଦେଖାଇହେବାର ଅନ୍ଧଦୌଡରେ ନିହାର ଭଳି ଜଣେ ନିରୀହ କର୍ମନିଷ୍ଠ ବ୍ୟକ୍ତି କିଭଳି ଦୁଃଖ ଯନ୍ତ୍ରଣା ଭୋଗ କରିଛି ତାହା ନାଟକରେ ପ୍ରଦର୍ଶିତ ହୋଇଥିଲା।


ଓଡିଆ ନାଟକ ଫୁଲ୍ ଟେନ୍‌ସନ୍‌ର ଏକ ଦୃଶ୍ୟ।

# ଇନ୍ଦ୍ରା ଡିଷ୍ଟ୍ରିକ୍ଟ କ୍ଲବ କ୍ରିକେଟ୍ ସିନିୟର ଲିଗ୍‌ର ଶୁଭାରମ୍ଭ

**ଓସିଏ ଭିଜନ ୨୦୨୪**

ବଲାଙ୍ଗୀର ଅଫିସ, ୧୦।୧

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ସିନିୟର ଇନ୍ଦ୍ରା ଡିଷ୍ଟ୍ରିକ୍ଟ କ୍ଲବ ଲିଗ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଥିଲା। ଓଡିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟ ଓ ଜିଲା କ୍ରୀଡା ସଂସଦ ବଲାଙ୍ଗୀର ଦ୍ୱାରା ଆୟୋଜିତ ଏହି ଲିଗ୍ ସିନିୟର କ୍ରିକେଟ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇଛି। ଏହି ଟୁର୍ନାମେଣ୍ଟକୁ କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ। ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ପର୍ବରେ କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, ସହସମ୍ପାଦକ ଶତ୍ରୁଘ୍ନ ସିଂ, କୋଷାଧକ୍ଷ ପ୍ରଭାତ ମିଶ୍ର, ଫୁଟବଲ ସମ୍ପାଦକ ହେମନ୍ତ ବେହେରା, କାର୍ଯ୍ୟକାରୀ ସଦସ୍ୟ ସୁଧୀର ଚନ୍ଦ୍ର ପଣ୍ଡା, ଜୟରାମ ମିଶ୍ର, କ୍ରିକେଟ କୋଚ ଅରୁଣ କୁମାର ନାଏକ, ପୂର୍ବତନ ଖେଳାଳୀ ସୂର୍ଯ୍ୟ ମିଶ୍ର, ହରେଶ ଦାନି, ଶତୃଘନ ସିଂହ, ଅରବିନ୍ଦ ହୋତା ଓ ବିକ୍ରମ ପାତ୍ର ଉପସ୍ଥିତ ଥିଲେ । ମ୍ୟାଚ ଏନ୍‌କେସିସି ବଲାଙ୍ଗୀର ଦଳ ଓ ଜିଏନ୍‌ସିସି ବଲାଙ୍ଗୀର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜିଏନ୍‌ସିସି ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଜିଏନ୍‌ସିସି ଦଳ ନିର୍ଦ୍ଧାରିତ ୧୨.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୩୦ ରନ୍ ସଂଗ୍ରହ କରିଥିଲା। ଏନ୍‌କେସିସି ଦଳ ପକ୍ଷରୁ ସତ୍ୟଜିତ ସିଂଦେଓ ୬.୨ ଓଭର ୭ ରନ୍ ଦେଇ ୯ ଉଇକେଟ ନେଇ ଜିଏନ୍‌ସିସି ଦଳକୁ ଧରାଶାୟୀ କରିଥିଲେ । ୩୧ ରନ୍ ବିଜୟ ଲକ୍ଷକୁ ନେଇ ପଡିଆକୁ ଓହ୍ଲାଇଥିବା ଏନ୍‌କେସିସି ଦଳ ମାତ୍ର ୩.୫ ଓଭରରେ ଗୋଟିଏ ଉଇକେଟ ବିନିମୟରେ ୩୧ ରନ୍ କରି ବିଜୟୀ ହୋଇଥିଲା ।

# ଚାରିଛକରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ



ବିଜେଡିର ପ୍ରତିଷ୍ଠା ଦିବସରେ ଅତିଥିମାନେ ।

ବୌଦ୍ଧ,୧୦।୧( ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକଠାରେ ମଙ୍ଗଳବାର ଦିନ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ , ସମ୍ମାନିତ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ। ଜିଲାର ବିଜେଡି କର୍ମୀମାନେ ଚାରିଛକ ବଜାରରୁ ଏକ ବିରାଟ ଶୋଭାଯାତ୍ରାରେ ଅତିଥିମାନଙ୍କୁ ନେବା ସହ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ସେଠାରୁ କଳାଖଣ୍ଡିଠାରେ ଅନୁଷ୍ଠିତ ସଭାକୁ ଯାଇଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ସମସ୍ତ ଲୋକାଭିମୁଖି ଯୋଜନା ଯେପରି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ନେଇ ଆଲୋକପାତ କରିଥିଲେ। ଜିଲାରେ ଯେପରି ବିଜୁ ଜନତା ଦଳ ଆଗାମୀ ଦିନରେ ଆହୁରି ଦୃଢ ହୋଇପାରିବ ସେନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ଜିଲା ପରିଷଦ ସଭ୍ୟା କଳ୍ପନାରାଣୀ ସାହୁ, ଉର୍ମିଳା ଝାଙ୍କର, ବରିଷ୍ଠ ନେତା ଅଶୋକ କୁମାର ସାହୁ, ପଶ୍ଚିମ ଓଡିଶା ଉନ୍ନୟନ କମିଟି ସଦସ୍ୟ ସୁବୋଧ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଶ୍ରୀବନ୍ତ ମେହେର, ସାମାଜିକ କର୍ମୀ ବିଶ୍ୱଜିତ ପ୍ରଧାନ ମଞ୍ଚାସୀନ ଥିଲେ। ପ୍ରତିଷ୍ଠା ଦିବସରେ ବହୁ ସଂଖ୍ୟାରେ ସରପଞ୍ଚ, ସମିତିସଭ୍ୟ ଓ ବିଜେଡି କର୍ମୀ ସାମିଲ ଥିଲେ।

# 'ଦର୍ଶକଙ୍କୁ ମୂର୍ଖ ଭାବିଲେ ଅଭିନେତା ସଫଳ ହୁଏନାହିଁ'

ବଲାଙ୍ଗୀର ଅଫିସ, ୧୦।୧

ସର୍ବଭାରତୀୟ ବହୁଭାଷୀ ମଠଖାଇ ମହୋତ୍ସବର ତୃତୀୟ ଦିନ କଲିକତାରୁ ଆସିଥିବା ଅଲଟରନେଟିଭ ଲିଭିଂ ଥିଏଟରର ନିର୍ଦ୍ଦେଶକ ପ୍ରବୀର ଗୁହାଙ୍କ ସହ ଅନ୍ତରଙ୍ଗ ଆଳାପ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଦେଶକ ଗୁହା ସ୍ଥାନୀୟ କଳାକାର, ନାଟ୍ଯ ନିର୍ଦ୍ଦେଶକ, ନାଟ୍ୟପ୍ରେମୀଙ୍କ ସହ ଆଲୋଚନା କରି ପରୀକ୍ଷାମୂଳକ ନାଟକର ଯାତ୍ରା, ନାଟକପ୍ରେମୀ ଦର୍ଶକଙ୍କ ଉପରେ ଏହାର ପ୍ରଭାବ ଏବଂ ଅଭିନେତାଙ୍କ ଦାୟିତ୍ୱ ଉପରେ କହିଥିଲେ। ଯେଉଁ ଅଭିନେତା ଦର୍ଶକଙ୍କୁ ମୂର୍ଖ ବୋଲି ଭାବନ୍ତି ସେଭଳି ଅଭିନେତା କେବେ ସଫଳ ହୁଅନ୍ତି ନାହିଁ ବୋଲି ସେ କହିଥିଲେ। ଏଣୁ ସଫଳ କଳାକାର ହେବାକୁ ହେଲେ ଶତପ୍ରତିଶତ ନିଷ୍ଠାର ସହ ଚରିତ୍ର ଅଭିନୟ କରିବା ଉଚିତ୍ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ମଧୁସୂଦନ ପତି, ନାଟ୍ୟ ନିର୍ଦ୍ଦେଶକ ବ୍ରଜମୋହନ ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ନାଟ୍ୟକାର ସନାତନ ଠାକୁର, ଅବଦୁଲ ଜମାଲ ଖାନ୍, ପ୍ରେମଚାନ୍ଦ ମହାନ୍ତି, ଚିତ୍ତରଞ୍ଜନ ଦାଶ, ଦେବତୋଷ ଦର୍ଜୀ, ଜିତେନ୍ଦ୍ରୀୟ ତ୍ରିପାଠୀ, ବୀରେନ୍ଦ୍ର ବନ୍‌ଛୋର, ସଞ୍ଜୟ ଭୋଇ, ମୁରଲୀଧର ପତି, ବ୍ୟାସଦେବ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।


ନାଟ୍ୟ ନିର୍ଦ୍ଦେଶକ ପ୍ରବୀର ଗୁହା କଳାକାର, ବୁଦ୍ଧିଜୀବୀ ଏବଂ ନାଟ୍ୟପ୍ରେମୀଙ୍କ ସହ ଆଲୋଚନା କରୁଛନ୍ତି।

**ଈଶ୍ୱର ସେଠୀ ହାଜତ ମୃତ୍ୟୁ ମାମଲା**

# ପୋଲିସ କହୁଛି ଆତ୍ମହତ୍ୟା, ଦଳିତ ସଂଘର ଆନ୍ଦୋଳନ ଚେତାବନୀ

ଚଣ୍ଡିଖୋଲ,୧୦।୧(ଡି.ଏନ୍.ଏ.)

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳ ଫାଣ୍ଡି ହାଜତରେ କଟକ ଜିଲା ମାହାଙ୍ଗା ଥାନା ଅଧୀନ ସିନ୍ଧୁପୁର ଗ୍ରାମର ଯୁବକ ଈଶ୍ୱର ସେଠୀଙ୍କ ମୃତ୍ୟୁକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଏହି ଘଟଣାରେ ଯାଜପୁର ଏସ୍‌ପି ବଡ଼ଚଣା ଥାନା ଅଧିକାରୀ ସୁଶୀଲ କୁମାର ନାୟକଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରିଥିବାବେଳେ ସେଦିନ ଧାନମଣ୍ଡଳ ଫାଣ୍ଡିରେ ସେଣ୍ଟ୍ରି ଦାୟିତ୍ୱରେ ଥିବା କନଷ୍ଟେବଲ ଦେବେନ୍ଦ୍ର ସାହୁଙ୍କୁ ନିଲମ୍ବନ କରାଯାଇଛି। ଘଟଣାରେ ମୃତ ଈଶ୍ୱରଙ୍କ ବାପାଙ୍କ ଏତଲା ଭିତ୍ତିରେ ପୋଲିସ ବଡ଼ଚଣା ଥାନାରେ ନଂ.୭/୨୩ରେ ଏକ ମାମଲା ରୁଜୁ କରିଥିବା ବେଳେ ତଦନ୍ତ ଦାୟିତ୍ୱ ଡିଏସ୍‌ପି ପ୍ରମୋଦ କୁମାର ମଲ୍ଲିକଙ୍କୁ ଦିଆଯାଇଛି।

ଏ ସମ୍ପର୍କରେ ଡିଏସ୍‌ପି ମଲ୍ଲିକ କହିଛନ୍ତି, ଈଶ୍ୱର ସେଠୀ ହାଜତ୍‌ରେ ଥିବାବେଳେ କେବଳ ଫାଣ୍ଡିରେ ଜଣେ କନଷ୍ଟେବଲ ସାହୁ ସେଣ୍ଟ୍ରି ଦାୟିତ୍ୱରେ ଥିଲେ। ସେ ହାଜତ ମଧ୍ୟରେ ଥିବା ଏକ ପାଇଖାନା ଉପରକୁ ଚଢ଼ିଯାଇ ଫ୍ୟାନ୍‌ରେ ଲାଗିଥିବା ତାରକୁ ଛିଣ୍ଡାଇ ବେକରେ ଗୁଡ଼ାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେତେବେଳେ ସେଣ୍ଟ୍ରି ଜଣକ ଫାଣ୍ଡି ଛାଡ଼ି ବାହାରକୁ ଯାଇଥିଲେ, ଯେଉଁଥିପାଇଁ ଯୁବକ ଜଣକ ଆତ୍ମହତ୍ୟା କରିବାର ସୁଯୋଗ ପାଇଲେ। ତଦନ୍ତ ବେଳେ ଜାଣିବାକୁ ପାଇଲୁ ଯେ, ସେଠାରେ ଯୁବକଙ୍କ ମୃତ୍ୟୁ ହୋଇ ନ ଥିଲା। ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ ଏହାକୁ ନେଇ ଆମ୍ବେଡକର ଲୋହିଆ ମଞ୍ଚ ସଭାପତି ମନୋରଞ୍ଜନ ଜେନା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ହାଜତ ଭିତରେ ପାଇଖାନା କେଉଁଠୁ ଆସିଲା ଓ ବିଦ୍ୟୁତ୍ ତାର କେଉଁଠୁ ଆସିଲା ଏବଂ କିପରି ସେ ଆତ୍ମହତ୍ୟା ଉଦ୍ୟମ କରିପାରିଲେ। ଏଥିନେଇ ପୋଲିସ ସମ୍ପୂର୍ଣ୍ଣ କଥା ଖୁଲାସା କରୁ। ପୋଲିସ ତାଙ୍କୁ ଗିରଫ କରି ହାଜତ ଭିତରେ ରଖିଥିଲା। ତେଣୁ ଫାଣ୍ଡିରେ ସମସ୍ତେ ଥିବାବେଳେ ସନ୍ଧ୍ୟା ୫ଟାରେ କିପରି ଈଶ୍ୱର ଆତ୍ମହତ୍ୟା ଉଦ୍ୟମ କରିପାରିଲେ। ଏହାକୁ ନେଇ ପୋଲିସ ମନଗଢା କାହାଣୀ ନ କହୁ। ଏସମ୍ପର୍କରେ ଆମେ ଯାଜପୁର ଏସ୍‌ପିଙ୍କୁ ଦାବିପତ୍ର ଦେଇଛୁ। ମୃତ ଈଶ୍ୱରଙ୍କ ବାପା ଏତଲାରେ ଉଲ୍ଲେଖ କରିଛନ୍ତି, ତାଙ୍କ ପୁଅକୁ ପୋଲିସ ପିଟି ମାରି ଦେଇଛି। ଯଦି ପ୍ରକୃତ ତଦନ୍ତ ହୋଇ ଉଚିତ୍ ନ୍ୟାୟ ନ ମିଳେ ତେବେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ମଞ୍ଚ ସଭାପତି ଜେନା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୪ ତାରିଖରେ ଈଶ୍ୱରଙ୍କ ମୃତ୍ୟୁ ହୋଇଥିଲା।

# ଶିକ୍ଷା ବିଭାଗ ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ

**ଦେଓଗାଁ ପଞ୍ଚାୟତ ସମିତି ବୈଠକ**

- ଗୃହରେ ଧାରଣାରେ ବସିଲେ ସମିତି ସଭ୍ୟ

ଦେଓଗାଁ,୧୦।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧକ୍ଷ ଦୟାନିଧି ଖମାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ନରସିଂହ ମିଶ୍ର, ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ବିଡିଓ ସୁରେନ୍ଦ୍ର କୁମାର ମେହେର ମଞ୍ଚାସୀନ ଥିଲେ । ଗ୍ରାମ ପଞ୍ଚାୟତ ଅଧିକାରୀ ବୀଣା ପଧାନ ବିରଣୀ ପାଠ କରିଥିଲେ। ବିଭିନ୍ନ ଯୋଜନାରେ ମଞ୍ଜୁର ହୋଇ ପଡି ରହିଥିବା ଅର୍ଥ କିପରି କାର୍ଯ୍ୟକାରୀ ହୋଇପାରିବ ତାହ ଉପରେ ଆଲୋଚନା କରାଯାଇଥିଲା। ଦେଓଗାଁ ବଙ୍ଗଳା ଛକରେ ଯାତ୍ରୀ ପ୍ରତୀକ୍ଷାଳୟ ଓ ମହିଳାଙ୍କ ଶୌଚାଳୟ ପାଇଁ ଅନୁଦାନ ଥିଲେ ହେଁ ଜମି ଜବରଦଖଲରେ ଥିବାରୁ କାମ ହୋଇ ପାରୁନାହିଁ। ହାତିସରା ସରପଞ୍ଚ କେଲୋ ଡାଙ୍ଗ ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ୧୫ ଦିନ ମଧ୍ୟରେ ଜବରଦଖଲ ପ୍ରକ୍ରିୟା ଆରମ୍ଭ ହେବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ପରେ ଶିକ୍ଷା ବିଭାଗରେ ଅବ୍ୟବସ୍ଥାକୁ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବ୍ଲକ ଶିକ୍ଷା ଅଧିକାରୀଙ୍କ ଖାମଖିଆଲି ମନୋଭାବକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ କରି ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର, ବିଶ୍ୱଜିତ ପାତ୍ର, ସରପଞ୍ଚ କେଲୋ ଡାଙ୍ଗ, ଉଡାର ସମିତି ସଭ୍ୟା ଆନନ୍ଦିନି ଦଲାଇ, ଦେଓଗାଁ ସମିତି ସଭ୍ୟା ମୀନା କୁମାରୀ ସା, ସମିତି ସଭ୍ୟ ଅଭିମନ୍ୟୁ ମାଝି, ଶମ୍ଭୁ ବାଗ ଧାରଣାରେ ବସିଥିଲେ । ପରେ ଗୃହରେ ଉପସ୍ଥିତ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇ ବନ୍ଦ ପଡିଥିବା ବିଦ୍ୟାଳୟର ସ୍ଥିତି ନିରୂପଣ କରି ରିପୋର୍ଟ ଦାଖଲ କରିବା ସହ ପୁନଃ ସ୍କୁଲ ଖୋଲିବା ଦିଗରେ ପଦକ୍ଷେପର ପ୍ରତିଶ୍ରୁତି ଦେବାପରେ ଧାରଣା ହଟିଥିଲା। ଚଳିତ ବର୍ଷ ବ୍ଲକର ସମସ୍ତ ପାକ୍ସରେ କୁଇଣ୍ଟାଲ ପ୍ରତି ୪ରୁ ୫ କେଜି ଧାନ କଟ୍ନିକୁ ନେଇ ଜନପ୍ରତିନିଧିମାନେ ଅଭିଯୋଗ ଉଠାଇଥିଲେ। ବିଧାୟକ ମିଶ୍ର ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ରାଜ୍ୟ ସରକାର ଏକ ଆଇନ କରି ଚାଷୀର ଉତ୍ପାଦିତ ସମସ୍ତ ଧାନକୁ କ୍ରୟ କରିବାପାଇଁ ପଦକ୍ଷେପ ନିଅନ୍ତୁ ବୋଲି କହିଥିଲେ। ଚାନ୍ଦିଲିପାହାଡ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଁ ସମସ୍ତ ଯୋଜନା ସରିଥିବା ବିଧାୟକ ମିଶ୍ର ଗୃହରେ ସୂଚନା ଦେଇଥିଲେ। ସାଲେପାଲି ସମିତି ସଭ୍ୟ ମେହେର ବ୍ଲକସ୍ତରରେ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ଏକ ପ୍ରସ୍ତାବ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପ୍ରେରଣ କରିବା ପାଇଁ ଦାବି କରିଥିଲେ । କଛାରପାଲିରେ ଫାଇଲେରିଆ ରୋଗୀ ସଂଖ୍ୟା ବଢୁଥିବା ପ୍ରସଙ୍ଗ ବୈଠକରେ ଉଠିଥିଲା। ଏହାର ନିରାକରଣ ଦିଗରେ ପଦକ୍ଷେପ ନେବାପାଇଁ ଜିଲାପାଳଙ୍କୁ ଅବଗତ କରାଯିବାକୁ ପ୍ରସ୍ତାବ ଆଗତ ହୋଇଥିଲା।



ଦେଓଗାଁ ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ବିଧାୟକ, ବ୍ଲକ ଅଧକ୍ଷ ଓ ଅନ୍ୟମାନେ।

**୧୫ରେ ରାଉରକେଲା ଆସିବେ ମୋହନ ଭାଗବତ**

ରାଉରକେଲା ଅଫିସ : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପରିଚାଳକ ଡ. ମୋହନ ଭାଗବତ ଆସନ୍ତା ୧୫ ତାରିଖରେ ରାଉରକେଲା ଆସୁଛନ୍ତି। ଏ ନେଇ ସେକ୍ଟର-୩ ସ୍ଥିତ ବିଏମ୍ଏସ୍ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ପ୍ରାନ୍ତ ସମ୍ପର୍କ ପ୍ରମୁଖ ଡ. ସନାତନ ପ୍ରଧାନ ସୂଚନା ଦେଇ କହିଥିଲେ, ୨୦୨୫ରେ ସଂଘ ସ୍ଥାପନାର ଶହେ ବର୍ଷ ପୂରଣ ହେବ। ଏହି ଅବସରରେ ରାଉରକେଲା ବିଭାଗର ସମସ୍ତ ମଣ୍ଡଳ ଓ ବସ୍ତି ପର୍ଯ୍ୟନ୍ତ ସଂଘ କାର୍ଯ୍ୟକୁ ପହଞ୍ଚାଇବା ଲକ୍ଷ୍ୟ ରହିଛି। ରାଉରକେଲାରେ ୩ ଦିନ ଧରି ମୋହନ ଭାଗବତ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ କରିବେ। ରାଉରକେଲା ବିଭାଗରେ ମୋଟ ୧୩୦ଟି ମଣ୍ଡଳ ଓ ୧୧୫ ବସ୍ତିରେ ଯୋଜନା ଏହି ଯୋଜନା କରାଯାଇଛି।

## ସଂକ୍ଷେପରେ

### ବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଦେବଗଡ, ୧୦।୧(ଡି.ଏନ.ଏ.): ଦେବଗଡ଼ ସହକାରୀ ଦୌରାଜଜ୍ ସୁଧୀର କୁମାର ମିଶ୍ର ଏକ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ବସନ୍ତ ମାଝିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁସାରେ, ଗତ ତା ୮।୮।୨୦୧୫ରିଖ ରାତି ୧୧ଟାରେ ଝାରସୁଗୁଡ଼ା ଜିଲା ସନ୍ୟାସୀପାଲି ନିବାସୀ ଅଭିଯୁକ୍ତ ବସନ୍ତ ମାଝି ଦେବଗଡ ଜିଲା ବଡବାହାଲ ଗ୍ରାମର ପୀଡିତାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଚିତ୍କାର ଶୁଣି ତାଙ୍କ ଘରଲୋକେ ବସନ୍ତଙ୍କୁ କାବୁ କରି ଦେବଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ.୨୮୨/୧୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରୀ ଦୌରାଜଜ୍ ମିଶ୍ର ୧୧ ଜଣଙ୍କ ସାକ୍ଷ୍ୟକୁ ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

### ଠେଙ୍ଗା ମାଡ଼ରେ ଜଣେ ମୃତ

ବଡ଼ଗାଁ,୧୦।୧(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସିଆମାଲ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଠେଙ୍ଗା ମାଡରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ , ସିଆମାଲ ଗ୍ରାମର ସୁବାସିନୀ ସେଲମା ଗାଈ ଚରାଇ ଅପରାହ୍ନରେ ଘରକୁ ଫେରିଥିଲେ। ଘର ଭିତରେ ସ୍ୱାମୀ କୁମାର ସେଲମା (୫୫)ଅଚେତ ଅବସ୍ଥାରେ ପଡ଼ିଥିବା ଓ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହେଉଥିବାର ଦେଖି ସେ ଗ୍ରାମବାସୀଙ୍କୁ ଜଣାଇଥିଲେ । ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବଡ଼ଗାଁ ମେଡିକାଲ ନିଆଯାଇଥିଲା । ସେଠାରେ ଡାକ୍ତର କୁମାରଙ୍କୁ ମୃତ ଘୋଷଣା କରିଥିଲେ । ପାରିପାର୍ଶ୍ୱିକ ସ୍ଥିତିରୁ କେହି ତାଙ୍କୁ ଠେଙ୍ଗାରେ ପିଟିବାରୁ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ଏ ନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । କୁମାର ଓ ତାଙ୍କ ପୁଅ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିବା କୁହାଯାଉଛି ।

### ସୁନ୍ଦରଗଡ଼ ଜିଙ୍କ ନଗର ନବୋଦୟ ବିଦ୍ୟାଳୟର ସଫଳତା

ସୁନ୍ଦରଗଡ଼,୧୦।୧(ଡି.ଏନ.ଏ.): ନବୋଦୟ ବିଦ୍ୟାଳୟ ସମିତି, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୋପାଳ ଦ୍ୱାରା ଜବଲପୁରର ବର୍ଗିପୁରଠାରେ ଆୟୋଜିତ କ୍ଷେତ୍ରୀୟ ଏକତା ସମ୍ମିଳନୀ ଗତ ୪ ଓ ୫ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୋପାଳ କ୍ଷେତ୍ରରେ ଥିବା ଓଡ଼ିଶା, ଛତିଶଗଡ଼ ଓ ମଧ୍ୟପ୍ରଦେଶ ରାଜ୍ୟର ନବୋଦୟ ବିଦ୍ୟାଳୟଗୁଡିକର ଚୟନ ହୋଇଥିବା ପ୍ରତିଯୋଗୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ ଓଡିଶାର ସୁନ୍ଦରଗଡ ଜିଙ୍କ ନଗର ନବୋଦୟ ବିଦ୍ୟାଳୟ ସମସ୍ତଙ୍କୁ ପଛରେ ପକାଇ ସମ୍ବଲପୁରୀ ଲୋକନୃତ୍ୟ ପ୍ରଦର୍ଶନ ପୂର୍ବକ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଯାହା ଆଗାମୀ ଦିନରେ ନୂଆଦିଲ୍ଲୀ ଠାରେ ହେବାକୁ ଥିବା ଜାତୀୟ ଏକତା ସମ୍ମିଳନୀରେ ପ୍ରଦର୍ଶିତ ହେବ। ବିଦ୍ୟାଳୟର ଅଧ୍ୟକ୍ଷ ତାପସ କୁମାର ଚଟ୍ଟୋପାଧ୍ୟାୟଙ୍କ ମାର୍ଗଦର୍ଶନ, ସଙ୍ଗୀତ ଶିକ୍ଷୟିତ୍ରୀ ଅରୁଣା ଦାସଙ୍କ ସଂଯୋଜନା ,ଗୁରୁ ଶଶାଙ୍କ ଶେଖର ଦୂବେଙ୍କ ନିର୍ଦ୍ଦେଶନା ତଥା ଛାତ୍ରୀଛାତ୍ରଙ୍କ ଅକ୍ଲାନ୍ତ ପରିଶ୍ରମ ଦ୍ୱାରା ଏହି ସଫଳତା ମିଳିଥିବାରୁ ଛାତ୍ରୀଛାତ୍ର, ଅଭିଭାବକ ତଥା ଶିକ୍ଷକ ମହଲରେ ଖୁସିର ଲହରୀ ଖେଳିଯାଇଛି। ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବୈଜ୍ଞାନିକ ଶ୍ୱେତଲୀନ ପାଢ଼ୀଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ ।

# ବାଙ୍କୀ ରେଞ୍ଜରେ ପକ୍ଷୀଗଣନା

ଲହୁଣୀପଡା,୧୦।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ କଲେଇପୋଷସ୍ଥିତ ଜଳାଶୟରେ ମଙ୍ଗଳବାର ଦିନ ପକ୍ଷୀ ଗଣନା କାର୍ଯ୍ୟ ହୋଇଥିଲା। ଚଳିତବର୍ଷ ଏହି ଜଳାଶୟକୁ ପ୍ରାୟ ୨୩ଶହ ପକ୍ଷୀ ଆସିଥିବା ଗଣନାରୁ ଜଣାପଡ଼ିଛି। ସୂଚନା ଅନୁସାରେ, ରାଉରକେଲା ବନଖଣ୍ଡ ବାଙ୍କୀ ରେଞ୍ଜ ଅଧୀନସ୍ଥ କଲେଇପୋଷ ଜଳାଶୟ, ଧମଣାଦର ଡ୍ୟାମ, ନୂଆଗାଁ ବ୍ରାହ୍ମଣୀ ନଦୀ କୂଳ, ଚନ୍ଦ୍ରପୁରୁ ବ୍ରାହ୍ମଣୀ ନଦୀ କୂଳ ଏବଂ କୁଚେଇତା ଜଳାଶୟଠାରେ ପକ୍ଷୀ ଗଣନା କାର୍ଯ୍ୟ ହୋଇଥିଲା। ଏହି କାର୍ଯ୍ୟରେ ପ୍ରାୟ ୨୩ ଜଣ ବନବିଭାଗ କର୍ମଚାରୀ ଓ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିଲେ । କେତେକ ସ୍ଥାନରେ ବନ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ମଧ୍ୟ ନିୟୋଜିତ ହୋଇଥିବା ଜଣାପଡିଛି।


କଲେଇପୋଷ ଜଳାଶୟରେ ପକ୍ଷୀଙ୍କ ସମାଗମ ।

କଲେଇପୋଷ ଜଳାଶୟଠାରେ ରାଉରକେଲା ଆରସିସିଏଫ ଅରୁଣ ମିଶ୍ର, ଡିଏଫଓ ଯଶୋବନ୍ତ ସେଠୀ, ଫରେଷ୍ଟର କପିଳେଶ୍ୱର ବେହେରା, ବନରକ୍ଷୀ ଦୀପକ ମଲ୍ଲିକ, ସଂଘମିତ୍ରା ମାହାନ୍ତ, ଚନ୍ଦନ ସା, ସମରେନ୍ଦ୍ର ରାଉତଙ୍କ ସମେତ କେନ୍ଦୁଡିହି ବନ ସୁରକ୍ଷା ସମିତି ସଭ୍ୟମାନେ ଉପସ୍ଥିତ ଥିଲେ । କଲେଇପୋଷ ଜଳାଶୟରେ ପାଣିକୁଆ, ତୁଳସା ହଂସ, ପାଣି ଡୁବୁକି, ମାଛରଙ୍କା, ସାହାରାଳି, ରଣୀବଗ, ଖଇରା ବଗ, ଧଳା ବଗ ସମେତ ପ୍ରାୟ ୨୩ଶହ ବିଭିନ୍ନ ପ୍ରଜାତିର ପକ୍ଷୀ ଗଣନା କରାଯାଇଛି। ଏହାଛଡା ଅନ୍ୟ ଚାରୋଟି ସ୍ଥାନର ପକ୍ଷୀ ଗଣନାରୁ ପ୍ରାୟ ୨୮ ଶହ ପକ୍ଷୀ ଆସିଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି।

# ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ସାଧାରଣ ସଭା

ସୁନ୍ଦରଗଡ,୧୦।୧(ଡି.ଏନ.ଏ.)

ଓଡ଼ିଶା ବିଜୁ ଶ୍ରମିକ ସାମ୍ମୁଖ୍ୟ ସହ ସହବନ୍ଧିତ ଓଡିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ସୁନ୍ଦରଗଡ ଶାଖାର ଏକ ସାଧାରଣ ସଭା ଓ ମିଶ୍ରଣ ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ସଦର ଜିଲା ପରିଷଦ(କ) ସଭ୍ୟ ଅଶ୍ୱିନୀ ନାଏକ ଓ ବିଜୁ ଛାତ୍ର ଜନତା ଦଳ ସଭାପତି ସେହେବାଜ ହୁସେନ , ଓବିକେଏମ ପଶ୍ଚିମ ଓଡିଶା ଶାଖା ସମ୍ପାଦକ ତାପସ ନାଥ, ଯୁଗ୍ମ ସମ୍ପାଦକ ରଜନୀ କାନ୍ତ ତ୍ରିପାଠୀ ଏବଂ ରାଜଗାଙ୍ଗପୁର ଡିଭିଜନର ସମ୍ପାଦକ ସୁମିତ ପଟେଲ ସଭାରେ ଉପସ୍ଥିତ ଥିଲେ। ଏହି ଅବସରରେ ରାଉରକେଲା ଓଏସଇବି ସଂଘର ବହୁ ସଭ୍ୟ ଓବିକେଏମରେ ଯୋଗ ଦେଇଥିଲେ। ସଙ୍ଗଠନ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଏଥିସହ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନୂତନ କର୍ମକର୍ତ୍ତା ଭାବେ ଆଶିଷ କୁମାର ନାଏକ-ସମ୍ପାଦକ, ଭୂପେଶ ପ୍ରଧାନ-ସହ ସମ୍ପାଦକ, ପୁଲକ ଅର୍ଗଲ.-ଶାଖା ସଙ୍ଗଠକ, ଯୋଗେନ୍ଦ୍ର ପଟେଲ 'କୋଷାଧ୍ୟକ୍ଷ ଏବଂ ଯୁଗ୍ମ ସମ୍ପାଦକ ଭାବେ ରଜନୀ କାନ୍ତ ତ୍ରିପାଠୀଙ୍କୁ ମନୋନୀତ କରାଯାଇଛି ।

# ଯୁବ ନେତୃତ୍ୱ, ଗୋଷ୍ଠୀ ବିକାଶ ତାଲିମ ଶିବିର ଉଦ୍‌ଯାପିତ

ଦେବଗଡ଼, ୧୦।୧(ଡି.ଏନ.ଏ.)

ଦେବଗଡ଼ ଜିଲା ନେହେରୁ ଯୁବକେନ୍ଦ୍ର ଓ ସୁଗୁଡା ଗ୍ରାମ ସ୍ଥିତ ନେତାଜୀ କ୍ଲବର ମିଳିତ ଆନୁକୂଲ୍ୟରେ ସୁଗୁଡା ଗ୍ରାମପଞ୍ଚାୟତ ରାଜୀବ ଗାନ୍ଧୀସେବା କେନ୍ଦ୍ରଠାରେ ତିନି ଦିନ ଧରି ଚାଲିଥିବା ଯୁବ ନେତୃତ୍ୱ ଓ ଗୋଷ୍ଠୀ ବିକାଶ ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ରର ପ୍ରଦୀପ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସୁଗୁଡା କଲେଜର ଅଧ୍ୟକ୍ଷ ସନ୍ତୋଷ ଦେବତା, ଆଲୋକ ମିଶ୍ର, ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ତାଲିମ ଶିବିରର ଦ୍ୱିତୀୟ ଦିବସରେ ଜିଲା ଓକିଲ ସଂଘ ସଭାପତି ସଚ୍ଚିକାନ୍ତ ଦାଶ ଯୋଗଦେଇ ଆଇନ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ୪୦ଜଣ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନେତାଜୀ କ୍ଲବର ସଭାପତି ସୁଜ୍ଞାନୀ ପ୍ରଧାନ, ଦିଗମ୍ବର ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀ ସୁଚରିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ତାଲିମ ଶିବିର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ୧୫ରେ ସାରସ ମେଳା, ସ୍ଥାନ ପାଇବ ୨୫୦ ଷ୍ଟଲ

ରାଉରକେଲା ଅଫିସ, ୧୦।୧

ପୁରୁଷ ହକି ବିଶ୍ୱକପ୍-୨୦୨୩ ଅବସରରେ ଓରମାସ ଓ ସୁନ୍ଦରଗଡ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୧୫ ତାରିଖରେ ସେକ୍ଟର-୫ ସ୍ଥିତ ଭଞ୍ଜଭବନ ପଡିଆରେ ସାରସ ମେଳା ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ରାଉରକେଲା ମହାନଗର ନିଗମ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସୁନ୍ଦରଗଡ ଡିଇଓ ମନୋଜ କୁମାର ମହାଜନ, ଓରମାସ୍ ଡେପୁଟି ସିଇଓ କେଶବ ଝା, ଅନୀଲ କେରକେଟ୍ଟା, ରାଉରକେଲା ଡିଆଇପିଆରଓ ସୀମା ଫତିମା ଏକ୍କା ଏବଂ ସୁନ୍ଦରଗଡ ଡିଆଇପିଆରଓ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ଯୋଗଦେଇ ସୂଚନା ଦେଇଥିଲେ, ଏହି ସାରସ ମେଳା ଜାନୁୟାରୀ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦନକାରୀ ଗୋଷ୍ଠୀ ଅଂଶଗ୍ରହଣ କରିବେ। ବହୁ କୁଶଳୀ କାରିଗର, କଳାକାର ଓ ଗ୍ରାମୀଣ ଉତ୍ପାଦନକାରୀ ଗୋଷ୍ଠୀମାନଙ୍କୁ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ ମେଳାରେ ପ୍ରଦର୍ଶନ କରିବେ। ଏହାସହ ବାଣିଜ୍ୟିକ ସମ୍ପର୍କ ସୁଦୃଢ ହୋଇପାରିବ ବୋଲି ଡିଇଓ ମହାଜନ କହିଥିଲେ। ମେଳାରେ ୧୬ଟି ଜାତୀୟ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ସହ ରାଉରକେଲାର ୧୬ଟି ସାଂସ୍କୃତିକ ଅନୁଷ୍ଠାନ କଳାକୌଶଳ ପ୍ରଦର୍ଶନ କରିବେ। ମେଳାରେ ୨୫୦ଟି ଷ୍ଟଲ ବ୍ୟବସ୍ଥା କରାଯାଇଥିବାବେଳେ ୪ଶହରୁ ୫ଶହ ପୁରୁଷମହିଳା ଅଂଶଗ୍ରହଣକାରୀ ସେମାନଙ୍କ ସାମଗ୍ରୀ ବିକ୍ରୟ କରିବା ପାଇଁ ସୁଯୋଗ ପାଇବେ। ଶିଶୁମାନଙ୍କ ନିମନ୍ତେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଥିଲା।

# ଓରାମ ସମାଜର ଧର୍ମଗୁରୁଙ୍କ ୮୭ତମ ଜୟନ୍ତୀ ପାଳନ


ଓରାମ ସମାଜ ପକ୍ଷରୁ ଅତିଥିମାନଙ୍କୁ ସ୍ୱାଗତ କରାଯାଉଛି ।

ରାଜଗାଙ୍ଗପୁର,୧୦।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର କୁନୁମୁରୁ ଠାରେ ଓରାମ ସମାଜ ପକ୍ଷରୁ ଆଦିବାସୀ ସଂପ୍ରଦାୟ ଓରାମ ସମାଜର ଧର୍ମଗୁରୁ ସ୍ୱର୍ଗତ ବାବା ବିକ୍ରମ ଭଗତଙ୍କ ୮୭ତମ ଜନ୍ମ ଜୟନ୍ତୀ ବହୁ ଆଡମ୍ବର ସହକାରେ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି। ଏହି ଜୟନ୍ତୀ ଉତ୍ସବରେ ରାଜ୍ୟ ବିଜେଡି ଉପସଭାପତି ମଙ୍ଗଳା କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ,ବାବା ବିକ୍ରମ ଭଗତ ଓରାମ ସମାଜର ଧର୍ମଗୁରୁ। ସେ ସମସ୍ତଙ୍କୁ ଗୋଟିଏ ସୂତାରେ ବାନ୍ଧି ରଖିଥିଲେ । ତାଙ୍କର ଦିଗଦର୍ଶନ ପାଇଁ ଆମେ ସମସ୍ତେ ତାଙ୍କ ନିକଟରେ ଚିରଋଣୀ । ତାଙ୍କରି ଦିଗଦର୍ଶନରେ ଶିକ୍ଷା କ୍ଷେତ୍ରରେ ଆଜି ଓରାମ ସମାଜର ବହୁ ଯୁବକ ଉଚ୍ଚ ପ୍ରତିଷ୍ଠିତ ହୋଇ ପାରିଛନ୍ତି। ସମ୍ମାନିତ ଅତିଥି ଭାବେ ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟର ମୁଖ୍ୟ ଚେତନ ଶ୍ରୀବାସ୍ତବ,ସହକାରୀ ନିର୍ଦ୍ଦେଶକ ଡା. ନିଳାଦ୍ରୀ ଭୂଷଣ ପାଢୀ, ରାଜଗାଙ୍ଗପୁର ବ୍ଲକ ଅଧ୍ୟକ୍ଷା ସାବିନା ମିଞ୍ଜ, ଜିଲା ପରିଷଦ ସଦସ୍ୟା ସୁଶିଳା ଟପ୍ପୋ ,ଜ୍ୟୋତି କୁଜୁର ଓ ଅନ୍ୟମାନେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ ।

# ଏସ୍‌ଡିପିଓ ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ

**ନିର୍ବାହୀ ଅଧିକାରୀ ଓ ପୌର କର୍ମଚାରୀଙ୍କୁ ଗିରଫ ଦାବି**

ଦେବଗଡ଼, ୧୦।୧(ଡି.ଏନ.ଏ.)

ଦେବଗଡ଼ ପୌର ପରିଷଦର ଉପନଗରପାଳ ପ୍ରଜିତ ଭୋଜ ଓ ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର ଦେବତାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ମଙ୍ଗଳବାର ନଗର ପରିକ୍ରମା କରିବା ସହ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ପୌର ପରିଷଦ ନିର୍ବାହୀ ଅଧିକାରୀ ତପନ ମହାପାତ୍ର ଓ କର୍ମଚାରୀ ଅଭିଷେକ ମିଶ୍ରଙ୍କୁ ଗିରଫ ଦାବି କରି ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏସ୍‌ଡିପିଓ ଅନୀଲ କୁମାର ବେଉରିଆଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ଗତ ୨ତାରିଖରେ ଦେବଗଡ ପୌର ପରିଷଦର ନିର୍ବାହୀ ଅଧିକାରୀ ତପନ ମହାପାତ୍ର ଅଫିସରେ କାର୍ଯ୍ୟ କରୁଥିବା ସମୟରେ ଉପନଗରପାଳ ପ୍ରଜିତ ଭୋଜ ଓ ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର ଦେବତା ତାଙ୍କୁ ମାଡ ମାରିବା ସହିତ ଆକ୍ରମଣ କରିଥିବା ନେଇ ଦେବଗଡ ଆଦର୍ଶ ଥାନାରେ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ଉପନଗରପାଳ ଭୋଜ ମଧ୍ୟ ତାଙ୍କୁ ନିର୍ବାହୀ ଅଧିକାରୀ ମହାପାତ୍ର ଓ ଅଭିଷେକ ମିଶ୍ର ମାଡ଼ ମାରିବା, ଆକ୍ରମଣ କରିବା, ହତ୍ୟା ଧମକ, ଜାତିଆଣ ଆକ୍ଷେପ କରିଥିବା ନେଇ ପାଲଟା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ଗତ ଶୁକ୍ରବାର ଉପନଗରପାଳ ଭୋଜ ଓ ସ୍ୱାଧୀନ କାଉନସିଲର ଦେବତାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। କିନ୍ତୁ ଆଜକୁ ୮ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ନିର୍ବାହୀ ଅଧିକାରୀ ଓ ପୌର କର୍ମଚାରୀଙ୍କୁ ଗିରଫ କରିନାହିଁ। ତୁରନ୍ତ ଗିରଫ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ମହିଳା ଓ ପୁରୁଷ ବର୍ଗରେ ସେମି ଫାଇନାଲକୁ ଗଲେ ୮ ଟିମ୍

ସୁନ୍ଦରଗଡ଼,୧୦।୧(ଡି.ଏନ.ଏ .)

**ସୁନ୍ଦରଗଡ଼ରେ ଜିଲାସ୍ତରୀୟ ହକି ପ୍ରତିଯୋଗିତା**
- ମହିଳା ବର୍ଗରେ - କୁତ୍ରା, ନୂଆଗାଁ, ରାଜଗାଙ୍ଗପୁର ଏବଂ ଲାଠିକଟା ବ୍ଲକ
- ପୁରୁଷ ବର୍ଗରେ - ସୁନ୍ଦରଗଡ, ବାଲିଶଙ୍କରା, କୁତ୍ରା , ଲେଫ୍ରିପଡା ବ୍ଲକ

ହକି ବିଶ୍ୱକପ ଅବସରରେ ସୁନ୍ଦରଗଡ ଜିଲାବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଗ୍ରାମପଞ୍ଚାୟତ ସ୍ତରରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ଏବେ ଜିଲା ସ୍ତରରେ ପହଞ୍ଚିଛି। ସୁନ୍ଦରଗଡ ଭବାନୀପୁର ହକି ଅଭ୍ୟାସ କେନ୍ଦ୍ରଠାରେ ଉଭୟ ମହିଳା ଓ ପୁରୁଷ ବର୍ଗରେ ଚାଲିଥିବା ଜିଲାସ୍ତରୀୟ ହକି ପ୍ରତିଯୋଗିତାର ପୁଲ ମ୍ୟାଚରେ ମୋଟ ୨୯ଟି ଟିମ ଭାଗ ନେଇଥିଲେ। ସେଥିମଧ୍ୟରୁ ୮ଟି ଟିମ ସେମିଫାଇନାଲ ପ୍ରବେଶ କରିଛନ୍ତି।
ମହିଳା ବର୍ଗରେ ୧୨ଟି ଟିମ ପୁଲ ମ୍ୟାଚ ଖେଳିଥିଲେ। ସେମାନଙ୍କ ଭିତରୁ କୁତ୍ରା, ନୂଆଗାଁ, ରାଜଗାଙ୍ଗପୁର ଏବଂ ଲାଠିକଟା ବ୍ଲକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ପୁରୁଷ ବର୍ଗରେ ଭାଗ ନେଇଥିବା ମୋଟ ୧୭ଟି ଟିମ ଭିତରୁ ସୁନ୍ଦରଗଡ ,ବାଲିଶଙ୍କରା, କୁତ୍ରା ଏବଂ ଲେଫ୍ରିପଡ ବ୍ଲକ ସେମିଫାଇନାଲକୁ ଯାଇଛନ୍ତି। ମହିଳା ଓ ପୁରୁଷ ବର୍ଗରେ ଜାନୁଆରୀ ୧୮ରେ ସେମିଫାଇନାଲ ଏବଂ ୧୯ରେ ଫାଇନାଲ ମ୍ୟାଚ ଆୟୋଜନ କରାଯିବ। ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଏହି ସବୁ ମ୍ୟାଚ ଖେଳାଯିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ହକି ବିଶ୍ୱକପକୁ ଅଧିକ ଆକର୍ଷଣୀୟ ଏବଂ ସ୍ମରଣୀୟ କରିବା ଲାଗି ସ୍ଥାନୀୟ ଜନସାଧାରଣଙ୍କୁ ଯୋଡି ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ବିଶେଷକରି ଯୁବପିଢିଙ୍କ ଭିତରେ ଉତ୍ସାହ ସୃଷ୍ଟି କରିବା ପାଇଁ ହକି ଏବଂ ଫୁଟବଲ ସହ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରାଯାଉଛି। ହକିର ଗଡ଼ ସୁନ୍ଦରଗଡ ଜିଲାରେ ଗ୍ରାମପଞ୍ଚାୟତ ସ୍ତରରୁ ହକି ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଏଥିରେ ମହିଳା ଓ ପୁରୁଷ ବର୍ଗରେ ୮୧୩ଟି ଟିମ ଭାଗ ନେବା ଲାଗି ପଞ୍ଜୀକରଣ କରିଥିଲେ। ପଞ୍ଚାୟତସ୍ତରୀୟ ପରେ ବ୍ଲକ ଏବଂ ଜିଲାସ୍ତରୀୟ ମ୍ୟାଚ ଖେଳାଯାଉଛି।

# ହେମଗିର ବ୍ଲକରେ ଯୁଗ୍ମ ଜନଶୁଣାଣି

ସୁନ୍ଦରଗଡ଼/ହେମଗିର,୧୦।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ପ୍ରଶାସନ ପକ୍ଷରୁ ହେମଗିର ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ଆୟୋଜିତ ଏହି ଜନଶୁଣାଣିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ଏବଂ ଏସ୍‌ପି ପ୍ରତ୍ୟୁଷ ଦିବାକର ଯୋଗଦେଇ ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ। ଏହି ଜନଶୁଣାଣିରେ ମୋଟ ୯୧ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ଜନଶୁଣାଣି ଚାଲିଥିବା ବେଳେ ୨୦ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗରୁ ବିଚାର କରି ତୁରନ୍ତ ସମାଧାନ କରିବାକୁ ଅତିରିକ୍ତ ଜିଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲୋକମାନେ ନୂତନ ରାସ୍ତା ନିର୍ମାଣ ସହ ରାସ୍ତା ମରାମତି, ବିଦ୍ୟାଳୟ ଉନ୍ନତୀକରଣ, ଶିକ୍ଷକ ନିଯୁକ୍ତି, ନୂତନ ପୋଖରୀ ଖନନ ଏବଂ ସୌନ୍ଦର୍ଯ୍ୟକରଣ, ଖେଳପଡିଆ ଉନ୍ନତୀକରଣ, ପ୍ରଦୂଷଣ ନିୟନ୍ତ୍ରଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି, ପାନୀୟ ଜଳ ସମସ୍ୟା ଉପରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସହ ରାଶନ କାର୍ଡ, ଭତ୍ତା, ଜମିପଟ୍ଟା ଆଦି ସମ୍ପର୍କରେ କେତେକ ବ୍ୟକ୍ତି ଜନଶୁଣାଣିରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୩ ଜଣ ହିତାଧିକାରୀଙ୍କୁ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ମିଶ୍ର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ, ଡେପୁଟି କଲେକ୍ଟର କୁନ୍ତୀରାଣୀ ନାଏକ, ଉପଜିଲାପାଳ ଦାଶରଥି ସରାବୁ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା, ବିଡିଓ ଡ:ଜଗଦୀଶ ଚନ୍ଦ୍ର ମହାନନ୍ଦ, ତହସିଲଦାର ଭିକ୍ଟୋରିଆ ଏକ୍କାଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

କୁତ୍ରା,୧୦।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା କୁତ୍ରା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲାସ୍ତରୀୟ ଅନ୍ତଃବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆସନ୍ତା ୧୩ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପୁରୁଷ ହକି ବିଶକପ୍‌କୁ ସବୁଦିନ ପାଇଁ ସ୍ମରଣୀୟ ରଖିବା ଲାଗି ପ୍ରଶାସନ ପକ୍ଷରୁ ଏହି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଉରକେଲା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସାରଦା ପ୍ରସନ୍ନ ନାଏକ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବୀରମିତ୍ରପୁର ପୌରାଞ୍ଚଳ ଅଧ୍ୟକ୍ଷ ସନ୍ଦିପ ମିଶ୍ର, ବିଇଓ ଗୁରୁଚରଣ ସାହୁ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ଲକ୍ଷ୍ମଣ ଜାମୁଣ୍ଡା ପ୍ରମୁଖ ଯୋଗଦେଇ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ସହିତ ମେଡାଲ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବକୁ ଶିକ୍ଷକ ବିଭୀଷଣ ବାରିକ ପରିଚାଳନା କରିଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

# ଭଙ୍ଗା ଘରେ ବିତୁଛି ଜୀବନ

**ଆବାସ ଯୋଜନାରେ ଘର ପାଇଁ ଚାହିଁ ରହିଛନ୍ତି ହରିପ୍ରିୟା**

ବଡ଼ଗାଁ,୧୦।୧(ଡି.ଏନ.ଏ.)

୩୦ ବର୍ଷ ପୂର୍ବେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ଫଳରେ ଏକମାତ୍ର ପୁଅର ଲାଳନପାଳନ ଦାୟିତ୍ୱ ଏକାକୀ ସମ୍ଭାଳିବାକୁ ପଡ଼ିଲା। ଯେଉଁ ମାଟି ଘର ଖଣ୍ଡିଏ ଥିଲା, ଉପଯୁକ୍ତ ମରାମତି ଅଭାବରୁ ତାହା ଏବେ ଜରାଜୀର୍ଣ୍ଣ ହୋଇପଡିଛି। ସେହି ଭଙ୍ଗା, ଦଦରା ଘର ଯେ କୌଣସି ମୁହୂର୍ତ୍ତରେ ଧସି ପଡ଼ିବା ଆଶଙ୍କା ଥିଲେ ବି ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ରକ୍ଷଣାବେକ୍ଷଣ କରିବା ସମ୍ଭବ ହୋଇପାରିନି। ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବା ପାଇଁ ଦୀର୍ଘ ବର୍ଷ ହେଲା ଚାହିଁ ବସିଛି । ହେଲେ ଘର ମିଳିବା ସାତସପନ ପାଲଟିଛି ବୋଲି ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଫୁଲବାରି ପଞ୍ଚାୟତ କୁରେଇବଗା ଗ୍ରାମର ସ୍ୱର୍ଗତ ଗୋପାଳ ପୃଷେଟଙ୍କ ସ୍ତ୍ରୀ ହରିପ୍ରିୟା ପୃଷେଟ କ୍ଷୋଭର ସହ କହିଛନ୍ତି।
ଏନେଇ ହରିପ୍ରିୟା କୁହନ୍ତି , ୧୫ ବର୍ଷ ହେଲା ସରପଞ୍ଚ, ସମିତି ସଭ୍ୟ,ୱାର୍ଡ ମେମ୍ବରଙ୍କୁ ଜଣାଇ ଆସୁଛି। ଆବାସ ଯୋଜନାରେ ଘର ପାଇବା ପାଇଁ ବିଡ଼ିଓଙ୍କୁ ତିନି ଥର ଲେଖି ଜଣାଇଲି । ତଥାପି ମୋ ଗୁହାରି କେହି ଶୁଣିଲେ ନାହିଁ। ଯାହା ଜମି ଅଛି, ସେଥିରୁ ବର୍ଷକର ଖାଇବା ଖର୍ଚ୍ଚ ହେଉନାହିଁ। ପୁଅ ରାଉରକେଲାର ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଛି । ସେଥିରେ ପରବାର ଚଳାଇବା ବହୁ କଷ୍ଟକର ହେଉଛି। ଘର ତିଆରି ପାଇଁ ସମ୍ବଳ ନାହିଁ। ଫଳରେ ଭାଗ୍ୟକୁ ଆଦରି ପଡିଛନ୍ତି । ତାଙ୍କୁ ଯଥାଶୀଘ୍ର ଆବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ଦାବି ହେଉଛି । ସୂଚନାଯୋଗ୍ୟ, ବଡ଼ଗାଁ ବ୍ଲକରେ ଏପରି ଅନେକ ଗରିବ ପରିବାର ଆବାସ ଯୋଜନାରେ ଘର ନ ପାଇ ଦୁର୍ଦ୍ଦଶାରେ ଦିନ କାଟୁଥିବା ବେଳେ ଥିଲାବାଲାଙ୍କୁ ଘର ମିଳିଥିବାର ଦୃଷ୍ଟାନ୍ତ ରହିଛି। ଜନ ପ୍ରତିନିଧି ଓ ସରକାରୀ ଅଧିକାରୀ ଏଭଳି ଗରିବ ପରିବାରଙ୍କୁ ଚିହ୍ନଟ କର ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।



